## ସଂକ୍ଷେପରେ

### ଚାଷୀଙ୍କ ଅଭିଯୋଗ: ତଳି ଅଞ୍ଚଳରେ ପାଣିର ଅଭାବ

ସମ୍ବଲପୁର, ୧୦।୬ (ବ୍ୟୁରୋ)
ସମ୍ବଲପୁର-ବରଗଡ ଜିଲା ଗୁଠୁର୍ଲାର ଚାଷୀ ସଂଗଠନ ସଦସ୍ୟ ପାଣି ସମସ୍ୟାକୁ ନେଇ କ୍ଷୁଦ୍ର ଜଳସେଚନ ବିଭାଗ ଅଧିକ୍ଷଣ ଯନ୍ତ୍ରୀଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିଛନ୍ତି । ରାଜସ୍ୱ ବିଭାଗ ପକ୍ଷରୁ ଖଜଣା (ଜଳକର) ଆଦାୟ କରା ଯାଉଛି । ହେଲେ ଚାଷ ଜମିକୁ ପାଣି ମାଡୁନାହିଁ । ଅନେକ ବର୍ଷ ହେଲା ଏହାକୁ ନେଇ ଅଭିଯୋଗ କରିଥିଲେ ମଧ କୌଣସି ପ୍ରତିକାର କରାଯାଉ ନାହିଁ । ଫଳରେ ଚାଷ ନଷ୍ଟ ହେଉଛି । ଚାଷୀ ଅତ୍ମହତ୍ୟା କରୁଛି । ତେଣୁ ଏ ବିଷୟରେ ପଦକ୍ଷେପ ଗ୍ରହଣ କରନ୍ତୁ । ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ କରିବେ ବୋଲି ଏମାନେ ଚେତାବନୀ ଦେଇଛନ୍ତି । ନାରାୟଣ ଅମରି, ଟୁପଚନ୍ଦ୍ର ମେହେର, କୁଳମଣୀ ସାହୁ, ସମ୍ବଲପୁର ଜିଲା କୃଷକ ସଂଗଠନ ସଭାପତି ମୁରାରୀ ପୁରୋହିତ, ଉପସଭାପତି ହରିଶଙ୍କର ପୁରୋହିତ ଉପସ୍ଥିତ ଥିଲେ।

### ପାଉଁଶରେ ପୋତି ହେଉଛି ଚାଷ ଜମି ଅଭିଯୋଗ

ସମ୍ବଲପୁର,୧୦।୬(ବ୍ୟୁରୋ)
ସମ୍ବଲପୁର ଜିଲାର ରେଙ୍ଗାଲି ତହସିଲ ଗୁମକାରମା ଗ୍ରାମର ଚାଷ ଜମିରେ ପାଉଁଶ ପୋତି ହେଉଛି । ଏଣୁ ଆଉ ଚାଷ ଉପଯୋଗୀ ଜମି ରହିବ ନାହିଁ । ଚାଷ ଉପରେ ଗ୍ରାମର ଅଧିକାଂଶ ପରିବାର ନିର୍ଭର କରନ୍ତି । ତେଣୁ ଏବେ ସେହି ପରିବାରରେ ଆର୍ଥିକ ଅନଟନ ଦେଖା ଦେବ । ସ୍ଥାନୀୟ ଭୂଷଣ ଷ୍ଟିଲ କମ୍ପାନୀରୁ ନିର୍ଗତ ହେଉଥିବା ପାଉଁଶ ଚାଷ ଜମି ଉପରେ ପାହାଡ ହୋଇ ଯାଉଛି ବୋଲି ଜିଲା ପ୍ରଶାସନ ପାଖରେ ଗ୍ରାମବାସୀ ଅଭିଯୋଗ କରିଛନ୍ତି । କମ୍ପାନୀ କରିଥିବା ଆସପଣ୍ଡକୁ ପାହାଡ ଉଚ୍ଚର ପାଉଁଶ ଗଦା କରାଯାଉଛି । ତେଣୁ ବର୍ଷା ହେଲେ ତାହା ଧୋଇ ହୋଇ କ୍ଷେତରେ ମିଶୁଛି । ଶହ ଶହ ଏକର ଫସଲ ନଷ୍ଟ ହେଉଛି । ତେଣୁ ଏହାର ସ୍ଥାୟୀ ପ୍ରତିକାର କରାଯାଉ ବୋଲି ମହନ ନାଏକ, ରାଧେଶ୍ୟାମ ନାଏକ, ମକରଧ୍ୱଜ ରୋହିଦାସ, ଆଶୋକ ନାଏକ, ତିଲୋତ୍ତମା ନାଏକ, ଦିଲେଶ୍ୱର ନାଏକ ପ୍ରମୁଖ ଦାବି କରିଛନ୍ତି।

### ଶ୍ରୀକୃଷ୍ଣ ରକ୍ମିଣୀ ବିବାହ ପ୍ରସ୍ତୁତି ଶେଷ

ସମ୍ବଲପୁର, ୧୦।୬ (ବ୍ୟୁରୋ)
ଶ୍ରୀକୃଷ୍ଣ ରକ୍ମିଣୀ ବିବାହ ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି । ଆସନ୍ତା ୧୨ ତାରିଖ ସନ୍ଧ୍ୟା ୭ଟାରେ ମୁଦିପଡା ଭଗବତୀ ମନ୍ଦିରରୁ ଭଗବାନ ଶ୍ରୀକୃଷ୍ଣ ବର ବେଶରେ ସଜ୍ଜିତ ହୋଇ ସହର ପରିକ୍ରମା କରିବେ । ମାହେନ୍ଦ୍ର ଲଗ୍ନରେ ବିବାହ ସମ୍ପନ୍ନ ହେବ । ୧୩ ତାରିଖ ରାତି ୭ଟାରୁ ୧୦ଟା ପର୍ଯ୍ୟନ୍ତ ଦେବଦମ୍ପତିଙ୍କ ମନ୍ଦିର ପ୍ରତ୍ୟାବର୍ତ୍ତନ ରୀତି ରହିଛି । ସୋମବାର ମୁଦିପଡା ଭଗବତ ମନ୍ଦିରଠାରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶ୍ରୀରାଧାରାଣୀ ମହିଳା ସଂକୀର୍ତ୍ତନ ସତସଙ୍ଗ ସଭ୍ୟା ଏହି ସୂଚନା ଦେଇଛନ୍ତି । ଯାତ୍ରାର ବ୍ୟୟ ଅଟକଳ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ବିବାହ ନିର୍ଘଣ୍ଟ ବିଷୟରେ ଶ୍ରୀରାଧାରାଣୀ ମହିଳା ସଂକୀର୍ତ୍ତନ ସତସଙ୍ଗ ସଭାନେତ୍ରୀ ନଳିନୀ ପ୍ରଧାନ କହିଥିଲେ । ଖବରଦାତା ସମ୍ମିଳନୀରେ ପୁଷ୍ପାରାଣୀ ପ୍ରଧାନ, କୋଷାଧକ୍ଷ ଶ୍ରୀବତ୍ସ ଜେନା, ସରସ୍ୱତୀ କର, ସହ କୋଷାଧକ୍ଷ ତପସ୍ୱିନୀ କର ଓ ସଂଯୋଜକ ବ୍ୟାମକେଶ ପଣ୍ଡା, ସମ୍ପାଦକ ରାଜେଶ ଚନ୍ଦ୍ର ପତି ଯାତ୍ରାର ପ୍ରସ୍ତୁତି ସମ୍ପର୍କରେ କହିଥିଲେ । ଯାତ୍ରା କମିଟି ସଭାପତି ନିଳମଣୀ ପ୍ରଧାନ, ଉପସଭାପତି ନବଘନ ଦାସ, କାର୍ଯ୍ୟକାରୀ ସଭାପତି ମହେନ୍ଦ୍ର ମେହେର, ସହ ସମ୍ପାଦକ ପ୍ରଶାନ୍ତ କୁମାର ପାତ୍ର, ପ୍ରେମସାଗର ବେହେରା, ରେଣୁକା ଦାଶ ଯାତ୍ରା ପ୍ରସ୍ତୁତିରେ ଲାଗିଛନ୍ତି।

### ବିଧାୟକଙ୍କୁ ସମ୍ବର୍ଦ୍ଧନା

ନାକଟିଦେଉଳ,୧୦।୬(ଡି.ଏନ.ଏ.)
ରେଢାଖୋଲ ବିଧାନସଭା ନିର୍ବାଚନ ମଣ୍ଡଳୀରୁ ଦ୍ୱିତୀୟ ଥର ପାଇଁ ନିର୍ବାଚିତ ହୋଇଥିବା ନବନିର୍ବାଚିତ ବିଧାୟକ ରୋହିତ ପୂଜାରୀଙ୍କୁ ସୋମବାର ନାକଟିଦେଉଳ ବ୍ଲକର ବିଭିନ୍ନ ସ୍ଥାନରେ ଦଳୀୟ କର୍ମୀ ଏବଂ ଅଞ୍ଚଳବାସୀଙ୍କ ପକ୍ଷରୁ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। କିସିଣ୍ଡା, ଗିରିଶ୍ଚନ୍ଦ୍ରପୁର, ବଳମ, ସରାପାଲି, ନାକଟିଦେଉଳ, ସାହେବୀ, ବାଟଗାଁ, ଜାମୁଯୋରୀ, ଶିମିଳିପାଳ ଏବଂ ଡଇଁଚା ପଞ୍ଚାୟତର ବିଭିନ୍ନ ଗ୍ରାମକୁ ବିଧାୟକ ଗସ୍ତ କରି ରାଜ୍ୟ ସରକାରଙ୍କ ବିଭିନ୍ନ ଯୋଜନା ଗୁଡ଼ିକ ଉପରେ ଆଲୋକପାତ କରିଥିଲେ।

## ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠା ଦିବସ

# ମୁକ୍ତ, ଦୂର ନିରନ୍ତର ଶିକ୍ଷା ଜିଜ୍ଞାସୁ ପାଠକ ବଢ଼ାଏ

ସମ୍ବଲପୁର,୧୦।୬ (ବ୍ୟୁରୋ)
ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ (ଓଏସଓୟୁ)ର ଚତୁର୍ଥ ପ୍ରତିଷ୍ଠା ଦିବସ ସୋମବାର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ଓଏସଓୟୁ କୁଳପତି ପ୍ରଫେସର ଶ୍ରୀକାନ୍ତ ମହାପାତ୍ରଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଦିଲ୍ଲୀସ୍ଥିତ ଜାତୀୟ ଶୈକ୍ଷିକ ପ୍ରଯୁକ୍ତି ବିଦ୍ୟା ଏକାଡେମୀ ଅଧକ୍ଷ ପ୍ରଫେସର ମର୍ମର ମୁଖୋପାଧ୍ୟାୟ ମୁଖ୍ୟବକ୍ତା ଭାବେ ଯୋଗଦେଇ ଶିକ୍ଷା ସହ ପ୍ରଯୁକ୍ତି ବିଦ୍ୟାର ସମ୍ପର୍କ ଓ ସମାଜ ଲାଗି ଏହାର ଆବଶ୍ୟକତା ବିଷୟରେ ସୂଚନା ଦେଇଥିଲେ । ମୁକ୍ତ ଓ ଦୂର ନିରନ୍ତର ଶିକ୍ଷା କେବଳ ଜ୍ଞାନୀ ଓ ବିଦ୍ୱାନ ସୃଷ୍ଟି କରିନାହିଁ । ବରଂ ଜିଜ୍ଞାସୁ ପାଠକ ସଂଖ୍ୟା ବୃଦ୍ଧି କରିଥାଏ । ଦେଶର ଉଚ୍ଚ ଶିକ୍ଷା ବ୍ୟବସ୍ଥାକୁ ସାର୍ବଜନୀନ କରୁଥିବା ମୁକ୍ତ ବିଶ୍ୱବିଦ୍ୟାଳୟ ଆଧୁନିକ ପ୍ରଯୁକ୍ତି ବିଦ୍ୟାର ସହାୟତାରେ ଗୁଣାତ୍ମକ ଶିକ୍ଷା ପହଞ୍ଚାଇବାରେ ସମର୍ଥ ହୋଇପାରିଛି ବୋଲି ସେ କହିଥିଲେ । ନାଲକୋ ଅଧକ୍ଷ ଡ. ତପନ କୁମାର ଚାନ୍ଦ ମୁଖ୍ୟଅତିଥି ଭାବେ ଯୋଗଦେଇ କହିଥିଲେ ଯେ, ଶିକ୍ଷା କେବଳ କର୍ମ ଓ ନିଯୁକ୍ତିର ସୁଯୋଗ ସୃଷ୍ଟି କରେନାହିଁ । ଏହା ସମାଜକୁ ପରିଚାଳିତ କରିଥାଏ । ଗୁଣାତ୍ମକ ଓ ଉପଯୁକ୍ତ ଶିକ୍ଷା ସମାଜର ସବୁଠାରୁ ଅବହେଳିତ ବ୍ୟକ୍ତି ନିକଟରେ ପହଞ୍ଚି ପାରିଲେ ସମାଜ ଓ ରାଷ୍ଟ୍ରର ମଙ୍ଗଳ ସାଧିତ ହୋଇପାରିବ । ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଅଟଳ ଚୌଧୁରୀ, ରାଞ୍ଚି ଉଷା ମାର୍ଟିନ ବିଶ୍ୱ ବିଦ୍ୟାଳୟ କୁଳପତି ପ୍ରଫେସର ଏସ.ସି. ଗର୍ଗ, ପୂର୍ବତନ ବିଧାୟିକା ରାସେଶ୍ୱରୀ ପାଣିଗ୍ରାହୀ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ବିଶ୍ୱ ବିଦ୍ୟାଳୟର ମୁଖମଣ୍ଡଳ-୨୦୧୯ ଉନ୍ମୋଚନ କରିଥିଲେ । ବିଶ୍ୱ ବିଦ୍ୟାଳୟ କୁଳସଚିବ ପ୍ରଫେସର ଜୟନ୍ତ କରଶର୍ମା ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ଓ ରାଞ୍ଚି ଉଷା ମାର୍ଟିନ ବିଶ୍ୱବିଦ୍ୟାଳୟ ମଧ୍ୟରେ ଏମଓୟୁ ସ୍ୱାକ୍ଷରିତ ହୋଇଥିଲା । ପ୍ରଶାନ୍ତ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ ।




ସୋମବାର ସମ୍ବଲପୁର ତପସ୍ୱିନୀ ପ୍ରେକ୍ଷାଳୟଠାରେ ଅତିଥିମାନେ ଓଡିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟ ମୁଖମଣ୍ଡଳ-୨୦୧୯ ଉନ୍ମୋଚନ କରୁଛନ୍ତି ।




ଭୁବନେଶ୍ୱରର ଶହୀଦନଗରଠାରେ ବ୍ୟୁଟି ସାଲୁନ 'ଏନ୍‌ରିଚ୍'ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ସାମାଜିକ କର୍ମୀ ନମ୍ରତା ଚଢ଼ା (ଉପର-ବାମରୁ ପ୍ରଥମ), ବିଏଲସି-୧୨ର ଅଧକ୍ଷା ନାନ୍‌ସୀ ଖିମ୍‌ଜୀ (ଉପର-ବାମରୁ ଚତୁର୍ଥ) ଓ ଅନ୍ୟମାନେ।

# ବ୍ୟୁଟି ସାଲୁନ 'ଏନ୍‌ରିଚ୍' ଉଦ୍‌ଘାଟିତ

## ଅସହାୟ ମହିଳାଙ୍କୁ ମିଳିଲା ତାଲିମ, କର୍ମନିଯୁକ୍ତି

ଭୁବନେଶ୍ୱର, ୧୦।୬(ବ୍ୟୁରୋ)
ସମାଜରେ ବହୁ ଅସହାୟ ଓ ସୁବିଧାରୁ ବଞ୍ଚିତ ମହିଳା ରହିଛନ୍ତି, ଯେଉଁମାନଙ୍କୁ ରୋଜଗାର କରିବାକୁ ସୁଯୋଗ ତ ଛାଡ଼ ଖାଦ୍ୟ ବି ମିଳେନା । ଫଳରେ ସେମାନଙ୍କ ପାଇଁ ଜୀବନଧାରଣ କରିବା କଷ୍ଟସାଧ ହୋଇଯାଏ । ଏପରି ସ୍ଥିତିକୁ ଭୁବନେଶ୍ୱର ଲେଡିଜ୍ ସର୍କଲ-୧୨(ବିଏଲସି-୧୨) ପକ୍ଷରୁ ହୃଦୟଙ୍ଗମ କରାଯାଇ ଏକ ଅଭିନବ ପ୍ରୟାସ ସ୍ୱରୂପ ଶହୀଦନଗରଠାରେ ବ୍ୟୁଟି ସାଲୁନ 'ଏନ୍‌ରିଚ୍' ଖୋଲାଯାଇଛି। ଏଠାରେ ଅସହାୟ ମହିଳାମାନଙ୍କୁ ତାଲିମ ଦିଆଯିବା ପରେ କାର୍ଯ୍ୟରେ ନିୟୋଜିତ କରାଯାଇଛି। ସେମାନେ କାହା ଉପରେ ନିର୍ଭର ନ କରି ଯେପରି ନିଜେ କାମ କରି ପେଟ ପୋଷିପାରିବେ ସେଥିପାଇଁ ବିଏଲସି-୧୨ ଦ୍ୱାରା ଏହି ବ୍ୟବସ୍ଥା କରାଯାଇଛି। ସାମାଜିକ କର୍ମୀ ତଥା ଆଇନଜୀବୀ ନମ୍ରତା ଚଢ଼ାଙ୍କ ଦ୍ୱାରା ରବିବାର ଉଦ୍‌ଘାଟିତ ହୋଇଥିବା ଏହି ସାଲୁନର ପରିଚାଳନା ଭାର ସାମାଜିକ ଅନୁଷ୍ଠାନ 'ଗ୍ରାମ ଉତ୍‌ଥାନ'କୁ ହସ୍ତାନ୍ତର କରାଯାଇଛି। ଏନେଇ ବିଏଲସି-୧୨ର ଅଧକ୍ଷା ନାନ୍‌ସୀ ଖିମ୍‌ଜୀ କହିଛନ୍ତି, ଏହା ବିଏଲସିର ଏକ ଅଭିନବ ଉଦ୍ୟମ। ଓଡ଼ିଶାରେ ଏଭଳି କାର୍ଯ୍ୟ ପ୍ରଥମ ଥର ଲାଗି ହୋଇଥିବା ସେ କହିଛନ୍ତି।
ଉଲ୍ଲେଖଥାଉକି, ମହିଳାମାନଙ୍କୁ ସମାଜର ମୁଖ୍ୟସ୍ରୋତରେ ସାମିଲ କରିବା ଲାଗି ସେମାନଙ୍କୁ ତାଲିମ୍ ଦିଆଯାଉଛି, ହେଲେ ଚାକିରି ମିଳିପାରୁନାହିଁ। ଚାକିରି ପାଇବା ଲାଗି ସେମାନଙ୍କୁ ବହୁ ସଂଘର୍ଷ କରିବାକୁ ପଡୁଛି। କିନ୍ତୁ ବିଏଲସି-୧୨ର ଏହି ଅଭିନବ ପ୍ରୟାସ ଦ୍ୱାରା ସେମାନଙ୍କୁ ତାଲିମ୍ ସହ ଚାକିରି ମଧ ଦିଆଯାଉଛି। ଭବିଷ୍ୟତରେ ସେମାନେ ନିଜେ ରୋଜଗାର କରିବା ସହିତ ନିଜ ସ୍ୱାଧୀନତା ଅନୁସାରେ କାର୍ଯ୍ୟ କରିପାରିବେ ଓ ନିଜ ନିଜ କ୍ଷେତ୍ରରେ ଅଧିକରୁ ଅଧିକ ଉନ୍ନତି କରିପାରିବେ ବୋଲି ବିଏଲସି-୧୨ ପକ୍ଷରୁ ପ୍ରକାଶ କରାଯାଇଛି।

## ରେଢ଼ାଖୋଲରେ ଅବାଧରେ ଚାଲିଛି ବନ୍ୟଜନ୍ତୁ ଶିକାର

# ବାର୍‌ହା ମାଂସ ଜବତ: ୨ ଗିରଫ, ଜଣେ ଫେରାର

ରେଢ଼ାଖୋଲ,୧୦।୬ (ଡି.ଏନ.ଏ.)
ରେଢାଖୋଲ ବନଖଣ୍ଡରେ ଅବାଧରେ ବନ୍ୟଜନ୍ତୁ ଶିକାର ହେଉଛି। କାଁ ଭାଁ ବନବିଭାଗ ହାତରେ ଧରାପଡି ଗିରଫ ହେଉଥିଲେ ହେଁ ଶିକାରୀମାନେ ଅନାୟାସରେ ବନ୍ୟଜନ୍ତୁ ଶିକାର କରି ଖୋଲାଖୋଲି ବଜାରରେ ବିକ୍ରି କରୁଛନ୍ତି। ବନ୍ୟଜନ୍ତୁ ମାଂସର ଚାହିଦା ଯୋଗୁ ଚଢାଦରରେ ବିକ୍ରି କରି ଶିକାରୀ। ଲାଭବାନ ହେଉଛନ୍ତି। ଏହିକ୍ରମରେ ରେଢାଖୋଲ ରେଞ୍ଜର ଖୋଲଗଡ ସଂରକ୍ଷିତ ଜଙ୍ଗଲରୁ ବାର୍‌ହା ଶିକାର କରି ବାଇକ ଯୋଗେ ମାଂସ ଚାଲାଣ କରୁଥିବା ୨ ଜଣ ଶିକାରୀଙ୍କୁ ବନବିଭାଗ କର୍ମଚାରୀ ରବିବାର ଗିରଫ କରିଛନ୍ତି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ହେଲେ ବେତଗଡ ଗ୍ରାମର ବରୁଣ ରଙ୍ଗଚୁଲିଆ (୩୫) ଓ ଅନାମ ବେହେରା (୬୦) ଅନ୍ୟ ଜଣେ ଫେରାର ହୋଇଯାଇଛନ୍ତି। ସେ ହେଲେ ଛତ୍ରପୁର ଗ୍ରାମର ଗଙ୍ଗୁ ନାୟକ। ୩ ଅଭିଯୁକ୍ତଙ୍କ ନାମରେ ଓ.ଆର ନଂ ୮୨ରେ ବନ୍ୟପ୍ରାଣୀ ଆଇନର ଦଫା ୫୦ରେ ଏକ ମାମଲା ରୁଜୁ କରାଯାଇଛି। ଗିରଫ ୨ ଅଭିଯୁକ୍ତଙ୍କୁ ସୋମବାର କୋର୍ଟ ଚାଲାଣ କରାଯାଇଥିଲା। ହେଲେ ଜାମିନ ଅବେଦନ ନାମଞ୍ଜୁର ହେବାରୁ ଜେଲ ହାଜତକୁ ପଠାଇ ଦିଆଯାଇଛି। ପ୍ରକାଶଯୋଗ୍ୟ, ରବିବାର ଏହି ଶିକାରୀମାନେ ଖୋଲଗଡ ସଂରକ୍ଷିତ ଜଙ୍ଗଲରୁ ଏକ ବାର୍‌ହା ଶିକାର କରିଥିଲେ। ଅଢେଇ କେ.ଜି ମାଂସ ଧରି ବାଇକରେ ଛତ୍ରପୁର ଗ୍ରାମରୁ ବେତଗଡ ଗ୍ରାମକୁ ଯାଉଥିଲେ। ସୂଚନା ପାଇ ରେଞ୍ଜ ଅଧିକାରୀ ପ୍ରଦୀପ ସେଠି, ଫରେଷ୍ଟର ପ୍ରିୟଦର୍ଶୀ ପ୍ରଧାନ, ପିସକା ଲାକ୍ରା, ଫରେଷ୍ଟ ଗାର୍ଡ ରାମନାରାୟଣ ମେଣ୍ଡୁଲୀ ପ୍ରମୁଖ ଚଢାଉ କରିଥିଲେ। ହେଲେ ବାଇକ ଛାଡି ଅଭିଯୁକ୍ତମାନେ ଫେରାର ହୋଇଯାଇଥିଲେ। ୨ ଜଣ ଅଭିଯୁକ୍ତଙ୍କୁ କିନ୍ତୁ ରାତିରେ ଗିରଫ କରାଯାଇଥିଲା।

# ଆଦିତ୍ୟ ଆଲୁମିନିୟମ ବିରୋଧରେ ଧାରଣା

ସମ୍ବଲପୁର, ୧୦।୬ (ବ୍ୟୁରୋ)
ସମ୍ବଲପୁର ଜିଲା ଶ୍ରମ ବିଭାଗ ଅଫିସ ସମ୍ମୁଖରେ ଭାରତୀୟ ମଜଦୁର ସଂଘ ପକ୍ଷରୁ ଅନିର୍ଦ୍ଦିଷ୍ଟ କାଳ ଧାରଣା ଦିଆଯାଇଛି । ରେଙ୍ଗାଲିସ୍ଥିତ ଆଦିତ୍ୟ ଆଲୁମିନିୟମ ବିରୋଧରେ ବିଭିନ୍ନ ଦାବି ନେଇ ଏହି ଆନ୍ଦୋଳନ କରାଯାଇଛି। ନିଲମ୍ବିତ କର୍ମଚାରୀମାନଙ୍କର ପୁନଃ ସ୍ଥାପନ, ଦରମା କାଟ ବନ୍ଦ କରିବା, କୁଶଳି ଶ୍ରମିକମାନଙ୍କ କାର୍ଯ୍ୟ ନିର୍ଦ୍ଧାରଣ କରିବା, ବଜାର ଦର ହିସାବରେ ଘରଭଡା ଦିଆ ଯିବା, କୁଶଳି ଶ୍ରମିକମାନଙ୍କୁ ଦାଦନ ଶ୍ରମିକ ଭଳି ନିର୍ଯାତନା ନ ଦେବା, ଚିକିତ୍ସା ପାଇଁ ସମସ୍ତଙ୍କ ସୁବିଧା କରିବା, କ୍ୟାଣ୍ଟିନରେ ଖାଦ୍ୟର ମାନ ପରିବର୍ତ୍ତନ କରିବା, ଏକ ସ୍ଥାୟୀ ଘର ଶ୍ରମିକମାନଙ୍କ ପାଇଁ ନିର୍ମାଣ କରିବା ଭଳି ବିଭିନ୍ନ ଦାବି ରହିଛି। ଶ୍ରମିକମାନଙ୍କ ଏହି ଆନ୍ଦୋଳନରେ ରେଙ୍ଗାଲି ବିଧାୟକ ନାଉରୀ ନାୟକ ସାମିଲ ହୋଇଥିଲେ । ଏହାସହ ଭାଜପାର ମିଡିଆ ପ୍ରଭାରୀ ମାନସ ବକ୍ସି ମଧ ଉପସ୍ଥିତ ରହିଥିଲେ । ବେଦପ୍ରକାଶ ହୋତା, ବିଭୁତିଭୂଷଣ ପଡିଆରି ପ୍ରମୁଖ ଉପସ୍ଥିତ ଥିଲେ ।

### ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଲେ ବିଧାୟକ

କୁଚିଣ୍ଡା,୧୦।୬(ଡି.ଏନ.ଏ.)
କୁଚିଣ୍ଡା ଉପଖଣ୍ଡରେ ଅତିଶୀଘ୍ର ଅଞ୍ଚଳର ଚାଷୀମାନଙ୍କୁ ସମସ୍ତ ପ୍ରକାର ଧାନ ବିହନ, ସାର ଆଦି ଯୋଗାଇ ଦିଆଯାଉ। ଏହି ଦାବିରେ କୁଚିଣ୍ଡା ଉପଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସୋମବାର ବିଧାୟକ କିଶୋର ଚନ୍ଦ୍ର ନାଏକ ଧାରଣାରେ ବସିଥିଲେ। ଅନ୍ୟପକ୍ଷେ ତାଙ୍କ ସମର୍ଥକମାନେ ମଧ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଓ ଏଆରସିଏସ କାର୍ଯ୍ୟାଳୟ ଆଗରେ ଧାରଣାରେ ବସି ରହିଥିଲେ । କୁଚିଣ୍ଡା ଉପଜିଲାପାଳ ବିଶ୍ୱରଞ୍ଜନ ନାୟକ ପହଞ୍ଚି ବୁଝାସୁଝା କରିବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ପଞ୍ଚାୟତ ସମିତି ଅଧକ୍ଷା ତିଲୋତ୍ତମା ନାଏକ, କୁଚିଣ୍ଡା ବ୍ଲକ ବିଜେଡି ସଭାପତି ଅମୂଲ୍ୟ ମିଶ୍ର, ମଳୟ ପରିଡା, ଭୁବନେଶ୍ୱର କିସାନ, ଓକିଲ ବିରଜାନନ୍ଦ ଶର୍ମା, ଅଶ୍ୱିନୀ କୁମାର ନାୟକ ପ୍ରମୁଖ ସାମିଲ ହୋଇଥିଲେ।

### ଧୂଳିଯୋର ସେତୁ ନିର୍ମାଣ କାମ ତ୍ୱରାନ୍ୱିତ ହେଉ

### ବର୍ଷା ପୂର୍ବରୁ ଅସ୍ଥାୟୀ ରାସ୍ତାକୁ ମରାମତି କରାଯାଉ

ସମ୍ବଲପୁର,୧୦।୬(ବ୍ୟୁରୋ)
ସମ୍ବଲପୁର ଜିଲାର ଯୁଯୁମୁରା ଓ ମାନେଶ୍ୱର ବ୍ଲକ୍‌କୁ ଯୋଡି ହେଉଥିବା ଧୂଳିଯୋର ଉପରେ ସେତୁ ନିର୍ମାଣ କାମକୁ ତ୍ୱରାନିତ କରାଯାଉ । ବର୍ଷା ପୂର୍ବରୁ ଯାତାୟତ କରିବା ପାଇଁ ଅସ୍ଥାୟୀ ରାସ୍ତାକୁ ମରାମତି କରାଯାଉ । ମେଟାଲ ମୋରମ ଦେଇ ଗମନା ଗମନ ପାଇଁ ଉପଯୁକ୍ତ ରାସ୍ତା ନିର୍ମାଣ କରାଯାଉ ବୋଲି ମାନେଶ୍ୱର ବ୍ଲକ ଡକରା ପଞ୍ଚାୟତ ଜାଦୁଲୁଇସିଂ ଗ୍ରାମବାସୀ ସୋମବାର ଜିଲା ପ୍ରଶାସନ ପାଖରେ ଅଭିଯୋଗ କରିଛନ୍ତି । ବାରମ୍ବାର ଦାବି ପରେ ଦୁଇଟି ବ୍ଲକକୁ ସଂଯୋଗ କରିବା ପାଇଁ ଏକ ବ୍ରିଜ ନିର୍ମାଣ କାମ ଆରମ୍ଭ ହୋଇଛି । କାମ ଆରମ୍ଭକୁ ୫ ମାସ ବିତିଯାଇଥିଲେ ମଧ ସ୍ତମ୍ଭ ଗୁଡିକର ମୂଳଦୂଆ ପଡି ନାହିଁ। ଯଦି ଏଭଳି ମନ୍ଥର ଗତିରେ କାମ କରା ଯିବ ଆଗାମୀ ୫ ବର୍ଷରେ ମଧ କାମ ସମ୍ପୂର୍ଣ୍ଣ ହେବ ନାହିଁ । ଅନ୍ୟପକ୍ଷେ ଏହିକାମ ଲାଗି କେତେ ଜଣ ଚାଷୀଙ୍କ ଜମି ରାସ୍ତାରେ ମିଶି ଯାଉଛି। ଜମି ହରାଇଥିବା ଚାଷୀମାନଙ୍କୁ ଉପଯୁକ୍ତ କ୍ଷତି ପୂରଣ ଦିଆଯାଉ। ସେତୁ ନିର୍ମାଣ ପାଇଁ ପୁରୁଣା ରାସ୍ତାକୁ ଖୋଳା ଯାଇ କଡରେ ଏକ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଉଛି । ଅସ୍ଥାୟୀ ରାସ୍ତା କେବଳ ମାଟି ରହିଛି । ତେଣୁ ବର୍ଷା ହେଲେ ଯିବା ଆସିବା କଷ୍ଟକର ହୋଇ ପଡିବ। ହରେକୃଷ୍ଣ ପ୍ରଧାନ, ମୟାସିନୀ ଭୋଇ, ରଜେନ୍ଦ୍ର ରହନା, ପୁରେନ୍ଦ୍ର ରହନା, ସୁରୁ ଭୁଏ. ଚନ୍ଦ୍ରମଣୀ ଡିଲା, ସୂର୍ଯ୍ୟ ବେହେରା, ସୁଦାମ ପ୍ରଧାନ, ନବୀନ ବେହେରା, ଅଶ୍ୱିନୀ ସାଲିମା ପ୍ରମୁଖଙ୍କ ସ୍ୱାକ୍ଷର ସମ୍ବଳିତ ଏକ ଦାବିପତ୍ର ପ୍ରଶାସନକୁ ଦିଆ ଯାଇଛି।

# ରେଳ ସପ୍ତାହ ସମାରୋହ: ୧୨୪ କର୍ମଚାରୀଙ୍କୁ ପ୍ରଶଂସାପତ୍ର, ଆର୍ଥିକ ସହାୟତା

ସମ୍ବଲପୁର, ୧୦।୬ (ବ୍ୟୁରୋ)
ପୂର୍ବତଟ ରେଳବାଇ ସମ୍ବଲପୁର ମଣ୍ଡଳ ପକ୍ଷରୁ ୬୪ତମ ରେଳମଣ୍ଡଳ ସପ୍ତାହ ସମାରୋହ ସୋମବାର ରେଳ କମ୍ୟୁନିଟି ସେଣ୍ଟରଠାରେ ପାଳିତ ହୋଇଯାଇଛି । ସମ୍ବଲପୁର ରେଳ ମଣ୍ଡଳ ପ୍ରବନ୍ଧକ ଜୟଦୀପ ଗୁପ୍ତା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସେ କହିଥିଲେ ଯେ, ଚଳିତ ଆର୍ଥିକ ବର୍ଷରେ ସମ୍ବଲପୁର ରେଳମଣ୍ଡଳ ଯାତ୍ରୀ, ମାଲ ପରିବହନ କ୍ଷେତ୍ରରେ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ସଫଳତା ପାଇପାରିଛି । ଏଥିସହ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟ କରାଯାଇଥିବା ସୂଚନା ଦେଇଥିଲେ । ପୂର୍ବତଟ ରେଳପଥ ମହିଳା କଲ୍ୟାଣ ସଂଗଠନ ଅଧକ୍ଷା ମୋନିକା ଗୁପ୍ତା ଓ ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ଏଲଭିଏସଏସ ପାତ୍ରୁଡୁ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ । ରେଳ ବିଭାଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ୧୨୪ଜଣଙ୍କୁ ପ୍ରଶଂସା ପତ୍ର ଓ ଆର୍ଥିକ ସହାୟତା ରାଶି ପ୍ରଦାନ କରାଯାଇଥିଲା । ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆର.ବି. ଜେନାଙ୍କ ପରିଚାଳନାରେ ଉତ୍ସବ ଅନୁଷ୍ଠିତ ହୋଇଥିଲା । ଉତ୍ସବ ଶେଷରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା । ପ୍ରାରମ୍ଭରେ ଶ୍ରେୟା ନାଗ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ ।




ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ଡ. ଜୟଦୀପ ଗୁପ୍ତା ଜଣେ ମହିଳା କର୍ମଚାରୀଙ୍କୁ ପୁରସ୍କୃତ କରୁଛନ୍ତି ।



ଦୁଇ କଳାକାର ସମ୍ବଲପୁରୀ ନୃତ୍ୟ ପରିବେଷଣ କରୁଛନ୍ତି ।



ଶ୍ରେୟା ନାଗ ଓଡିଶୀ ନୃତ୍ୟ ପରିବେଷଣ କରୁଛନ୍ତି ।



ମନୁଷ୍ୟତ୍ୱ ତିଆରି କରିବା ସମସ୍ତ ଶିକ୍ଷା ପ୍ରଣାଳୀର ଲକ୍ଷ୍ୟ ହେବା ଉଚିତ।
-ସ୍ୱାମୀ ବିବେକାନନ୍ଦ



## ସଂକ୍ଷେପରେ

### ନାବାଳିକା ହତ୍ୟାକାରୀଙ୍କୁ କଠୋର ଦଣ୍ଡ ଦିଆଯାଉ

ରାଉରକେଲା ଅଫିସ,୧୦।୬- ଉତରପ୍ରଦେଶ ଆଲିଗଡ ଅଞ୍ଚଳରେ ଟୁଇଁକିଲ ନାମକ ଜଣେ ୩ବର୍ଷର ନାବାଳିକାକୁ ଯେଉଁ ଭଳି ନୃସଂସ ଭାବେ ହତ୍ୟା କରାଗଲା ତାକୁ ଯେତେ ନିନ୍ଦା କଲେ କମ ପଡିବ ବୋଲି ରାଉରକେଲା ଦୁର୍ଗା ବାହିନୀ ପକ୍ଷରୁ ଏକ ବିବୃତିରେ କୁହାଯାଇଛି। ଏନେଇ ରବିବାର ସନ୍ଧ୍ୟାରେ ସେକ୍ଟର ୧୭ ଅନ୍ତର୍ଗତ ସରସ୍ୱତୀ ଶିଶୁ ମନ୍ଦିର ନିକଟରୁ ଏକ ମହମବତୀ ଶୋଭାଯାତ୍ରା ବାହାର କରାଯାଇ ସେକ୍ଟର- ୭/୧୭ ଛକ ପର୍ଯ୍ୟନ୍ତ ଆସିଥିଲା। ଆର୍ଥିକ ନେଣଦେଣକୁ ନେଇ ଏହି ବର୍ବରକାଣ୍ଡ ଘଟିଥିବା ବେଳେ ଏହା ଅସହନୀୟ ବୋଲି ଏଥିରେ କୁହାଯାଇଥିଲା। ମାନବିକତାର ସୀମା ଲଂଘନ କରିଥିବା ସମ୍ପୃକ୍ତ ହତ୍ୟାକାରୀଙ୍କୁ କଠୋର ଦଣ୍ଡ ବିଧାନ କରାଯିବା ଆବଶ୍ୟକ। ଏହା ନ ହେଲେ ଟୁଇଁକିଲର ଆତ୍ମାକୁ ଶାନ୍ତି ମିଳିବ ନାହିଁ। ଏଥିରେ ମୋନୁ ସେଠୀ, ରେଶ୍ମା କୁମ୍ଭାର ଓ ପୂର୍ବୀ ପାଲଙ୍କ ସମେତ ୪୦ରୁ ଊର୍ଦ୍ଧ ମହିଳା କର୍ମୀ ଉପସ୍ଥିତ ଥିଲେ।

### ଫୁଟବଲ ତାରକା ଲାଜରୁସଙ୍କୁ ଶ୍ରଦ୍ଧାଞ୍ଜଳି

ରାଉରକେଲା ଅଫିସ,୧୦।୬ ବିଶିଷ୍ଟ ଫୁଟବଲ ତାରକା ଲାଜରୁଜ ଲାକ୍ରାଙ୍କ ମୃତ୍ୟୁରେ ଚନ୍ଦ୍ର ଶେଖର କ୍ରୀଡା ସଙ୍ଗଠନ ପକ୍ଷରୁ ଗଭୀର ଶୋକ ବ୍ୟକ୍ତ କରାଯିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି। ବିଦ୍ୟାଳୟସ୍ତରୀୟ ଆନ୍ତଃ ଭାରତୀୟ କ୍ୟାମ୍ପରେ ଯୋଗଦେଇ ନିଜ ଦକ୍ଷତା ପ୍ରତିପାଦିତ କରିଥିବା ଲାଜରୁସ ବିଭିନ୍ନ ସମୟରେ ରାଉରକେଲା ଇସ୍ପାତ କାରଖାନା ପକ୍ଷରୁ ପ୍ରତିଯୋଗିତାରେ ଭାଗ ନେଇଥିଲେ। ୨ଥର ସନ୍ତୋଷ ଟ୍ରଫି ଖେଳି ସେ ସୁନାମ ଅର୍ଜନ କରିଥିଲେ। ଏଠାରେ ସୂଚନାଯୋଗ୍ୟ ଯେ ଚିକିତ୍ସାଧିନ ଅବସ୍ଥାରେ ଲାଜରୁସଙ୍କର ଗତ ୭ ତାରିଖରେ ମୃତ୍ୟୁ ଘଟିଥିଲା। ଏନେଇ ଷ୍ଟିଲ ସିଟିର ବିଭିନ୍ନ ସଂଘ ସଙ୍ଗଠନ ତଥା କ୍ରୀଡାପ୍ରେମୀଙ୍କ ପକ୍ଷରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ଏହି ଅବସରରେ ବିର୍ଶା ଷ୍ଟାଡିୟମଠାରେ ଚାଲିଥିବା ଏକ ପ୍ରଶିକ୍ଷଣ ଶିବିରରେ ଲାଜରୁସଙ୍କ ପ୍ରତି ଗଭୀର ଶ୍ରଦ୍ଧାଞ୍ଜଳି ବ୍ୟକ୍ତ କରାଯାଇଥିଲା।

ଖରାବର୍ଷା ଦାଉରୁ ପକ୍ଷୀମାନଙ୍କୁ ସୁରକ୍ଷିତ ରଖିବାକୁ ଆର୍ମି ସଙ୍ଗଠନର ପ୍ରୟାସ

# ଗଛରେ ପକ୍ଷୀ ବସା ସ୍ଥାପନ କରାଯାଉଛି

ରାଉରକେଲା ଅଫିସ,୧୦।୬

କେନ୍ଦ୍ର ପରିବେଶ ମନ୍ତ୍ରଣାଳୟ ସ୍ୱୀକୃତିପ୍ରାପ୍ତ ପଶୁ କଲ୍ୟାଣ ସଙ୍ଗଠନ ଆର୍ମି ପକ୍ଷରୁ ପ୍ରବଳ ଗ୍ରୀଷ୍ମ ପ୍ରବାହକୁ ନଜରରେ ରଖାଯାଇ ବିଭିନ୍ନ ଗଛରେ ପକ୍ଷୀବସା ସ୍ଥାପନ କରାଯାଇଛି। ବିଶ୍ୱ ପରିବେଶ ଦିବସ ଠାରୁ ନେଇ ବନ୍ୟ ଜୀବ ସପ୍ତାହ ପର୍ଯ୍ୟନ୍ତ ସବୁଜିମା ଇକୋ କ୍ଲବ ଛାତ୍ରୀଛାତ୍ରଙ୍କ ଦ୍ୱାରା ଏଭଳି କାର୍ଯ୍ୟ ସଫଳତାର ସହ କରାଯାଉଛି। ଏହି କ୍ରମରେ ପକ୍ଷୀ ବସା ଗୁଡିକ କିପରି ସୁରକ୍ଷିତ ରହିବ ଓ ଏଥିରେ ପରିବେଶକୁ ସୁହାଉଥିବା ଖାଦ୍ୟ ରଖାଯାଇ ପାରିବ ସେନେଇ ମଧ୍ୟ ବିଶେଷ ଧ୍ୟାନ ଦିଆଯାଇଛି। ଖରାବର୍ଷା ଦାଉରୁ ପକ୍ଷୀମାନେ କିପରି ସୁରକ୍ଷିତ ରହିବେ ସେ ଦିଗରେ ସଙ୍ଗଠନ ପକ୍ଷରୁ ପଦକ୍ଷେପ ନିଆଯାଉଛି। ଅଦରକାରୀ



ଆର୍ମି ପକ୍ଷରୁ ଗଛରେ ପକ୍ଷୀବସା ସ୍ଥାପନ କରାଯାଇଛି।

ବସ୍ତୁ ନଡିଆ ଷଢେଇ, କାଠ ବାକ୍ସ ଓ ଟିଣ କ୍ୟାନ ଇତ୍ୟାଦିରେ ଏହି ଚଢେଇ ବସା ପ୍ରସ୍ତୁତ କରାଯାଇଛି। ଏହି ବସା ମାନଙ୍କରେ ଶୁଆ, ଶାରୀ, ବଣୀ, ଘରଚଟିଆ ଭଳି ପକ୍ଷୀ ନିରାପଦରେ ରହି ପାରିବେ ବୋଲି ସଙ୍ଗଠନ ପକ୍ଷରୁ ଆଶା ବ୍ୟକ୍ତ କରାଯାଇଛି। ସଙ୍ଗଠନ କର୍ମକର୍ତ୍ତା ସଂଗ୍ରାମ ପରିଡାଙ୍କ ନେତୃତ୍ୱରେ ଇକୋ କ୍ଲବ ଛାତ୍ରୀଛାତ୍ର ଏଭଳି ପକ୍ଷୀ ବସା ସ୍ଥାପନ ନେଇ ଉତ୍ସାହ ପ୍ରକାଶ କରି ଅସୁଛନ୍ତି। ଏହି ଅବସ୍ଥାରେ ପରିଡା ଆହ୍ୱାନ ଦେଇ କହିଛନ୍ତି ଯେ, ସହରବାସୀ ବିଭିନ୍ନ ଅଦରକାରୀ ତଥା ବର୍ଜ୍ୟ ପଦାର୍ଥକୁ ନଷ୍ଟ ନ କରି ବସା ତିଆରିରେ ଉପଯୋଗ କଲେ ଏହା ଅତ୍ୟନ୍ତ ଉପଯୋଗୀ ହୋଇପାରିବ। ଜୀବେ ଦୟା ନୀତିକୁ ଆପଣାଇଲେ ପରିବେଶ ସୁରକ୍ଷିତ ରହିବା ସହ ବିଭିନ୍ନ କାରଣରୁ ବସା ହରାଉଥିବା ପକ୍ଷୀକୁଳ ସୁରକ୍ଷିତ ରହିବ ବୋଲି ପରିଡା ଆଶା ବ୍ୟକ୍ତ କରିଛନ୍ତି।

# ରାଜ୍ୟପାଳଙ୍କ ଦ୍ୱାରା ଶିକ୍ଷକ ସମ୍ମାନିତ



ଶିକ୍ଷକ ଶରତ ସାହୁଙ୍କୁ ରାଜ୍ୟପାଳ ଗଣେଶୀ ଲାଲ ସମ୍ବର୍ଦ୍ଧିତ କରୁଛନ୍ତି।

ରାଉରକେଲା ଅଫିସ,୧୦।୬

ଗତ ୬ ଓ ୭ ଦୁଇ ଦିନ ଧରି କଟକ ବାରବାଟି ଷ୍ଟାଡିୟମ ପରିସରରେ ନିଖିଳ ଉତ୍କଳ ନିମ୍ନ ମାଧ୍ୟମିକ ଶିକ୍ଷକ ସଂଘର ପକ୍ଷରୁ ଶିକ୍ଷକ ଗୌରବ ବନମାଳି ବ୍ରହ୍ମଚାରୀଙ୍କ ୩୦ତମ ଶ୍ରଦ୍ଧୋତ୍ସବ ଓ ସଙ୍ଗଠନର ସାମ୍ବିଧାନିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ରାଉରକେଲାର ଜଣାଶୁଣା କୃତୀ ଶିକ୍ଷକ ଶରତ ସାହୁଙ୍କୁ ଜୀବନବ୍ୟାପି ସାଧନା ତଥା ଶିକ୍ଷା କ୍ଷେତ୍ରରେ ମହତ୍ୱପୂର୍ଣ୍ଣ ଭୂମିକା ନେଇ ଓଡିଶାର ରାଜ୍ୟପାଳ ଗଣେଶୀ ଲାଲ ଉପଢୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରିଥିଲେ। ରାଜ୍ୟରେ ଶିକ୍ଷକ ସଙ୍ଗଠନକୁ ସଙ୍ଗଠିତ କରି ଆଗେଇ ନେବାରେ ସାହୁଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକାକୁ ଏଥିରେ ଉଚ୍ଚ ପ୍ରଶଂସା କରାଯାଇଥିଲା। ରାଜ୍ୟ ସଂଘ ସଭାପତି ଅନ୍ତର୍ଯ୍ୟାମି ସାମଲଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ରାଜ୍ୟ ଗଣଶିକ୍ଷାମନ୍ତ୍ରୀ ସମୀର ଦାସ, ନଗର ଉନ୍ନୟନ ଏବଂ ଆଇନମନ୍ତ୍ରୀ ପ୍ରତାପ ଜେନା, ସାମାଜିକ କର୍ମୀ ତୁଳସୀ ମୁଣ୍ଡା, ସଂଘ ସାଧାରଣ ସମ୍ପାଦକ ପ୍ରକାଶ ଜେନା, ଅବସରପ୍ରାପ୍ତ ଶିକ୍ଷକ ମଞ୍ଚ ରାଜ୍ୟ ସଭାପତି ମାଧବାନନ୍ଦ ବିଶ୍ୱାଳ ପ୍ରମୁଖ ଏଥିରେ ମଞ୍ଚାସୀନ ଥିଲେ। ରାଜ୍ୟପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ ତଥା ପୁରସ୍କୃତ ଶିକ୍ଷକ ସାହୁଙ୍କୁ ସୁନ୍ଦରଗଡ ଜିଲାର ବିଭିନ୍ନ ଶିକ୍ଷକ ସଙ୍ଗଠନ ପକ୍ଷରୁ ଅଭିନନ୍ଦନ ସହ ଉଚ୍ଚ ପ୍ରଶଂସା କରାଯାଇଛି। ଏହି ସମ୍ମିଳନୀରେ ସାହୁଙ୍କୁ ଆସନ୍ତା ୩ ବର୍ଷ ପାଇଁ ସଙ୍ଗଠନର ରାଜ୍ୟ ଉପଦେଷ୍ଟା ରୂପେ ମନୋନୀତ କରାଯାଇଥିବା ବେଳେ ସଭାପତି ଭାବେ ଜଗବନ୍ଧୁ ଜେନା ଓ ସାଧାରଣ ସମ୍ପାଦକ ଭାବେ ପ୍ରକାଶ ଜେନା ପୁନର୍ବାର ନିର୍ବାଚିତ ହୋଇଛନ୍ତି।

# ଯୋଗ ସମିତି ପକ୍ଷରୁ ମାସିକ ସତ୍‌ସଙ୍ଗ

## ସାଧନାର ମୂଳ ଲକ୍ଷ୍ୟ ପ୍ରତି ଯତ୍ନବାନ ହେବା ଆବଶ୍ୟକ

ରାଉରକେଲା ଅଫିସ, ୧୦।୬

ସୁନ୍ଦରଗଡ ଜିଲା ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାସିକ ସତସଙ୍ଗ ସେକ୍ଟର-୧୯ ଶାରଳା ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଭାରତ ସ୍ୱାଭିମାନର ଓଡିଶା ସହ ପ୍ରଭାରୀ ଅକ୍ରୁର ମାର୍ଥା ଏଥିରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ସେ ଉପସ୍ଥିତ ଯୋଗ ଶିକ୍ଷକଙ୍କୁ ପରାମର୍ଶ ଦେଇ କହିଥିଲେ ଯେ, ସାଧନାର ମୂଳ ଲକ୍ଷ୍ୟ ପ୍ରତି ସର୍ବଦା ଯତ୍ନବାନ ହେବା ଆବଶ୍ୟକ। ସ୍ୱାସ୍ଥ୍ୟ ରକ୍ଷା ସହ ନିରୋଗ ଜୀବନ ଜିଇଁବା ପ୍ରତ୍ୟେକଙ୍କ ଦାୟିତ୍ୱ। ତେବେ ଏତିକିରେ ପ୍ରଶିକ୍ଷକ ତୃପ୍ତ ନ ହୋଇ ଆଧ୍ୟାତ୍ମିକତା ପ୍ରତି ଲୋକେ କିପରି ଆଗ୍ରହୀ ହେବେ ସେ ଦିଗରେ ଧ୍ୟାନ ଦିଆଯିବା ଆବଶ୍ୟକ ବୋଲି ମାର୍ଥା କହିଥିଲେ। ପୂର୍ଣ୍ଣ ପୁରୁଷାର୍ଥ ସହ ପରମାର୍ଥିକ ଜ୍ଞାନ ଓ ହୃଦୟରେ ସ୍ନେହ, ପ୍ରେମ ଉଦ୍ରେକ ହେଲେ ଯାଇ ଆମେ ଅତି ମାନବତା ଦିଗରେ ଅଗ୍ରସର ହୋଇ ପାରିବା ବୋଲି ସେ ମତପ୍ରକାଶ କରିଥିଲେ। ଏଥିରେ ମଞ୍ଚାସୀନ ମହିଳା ପ୍ରଭାରୀ ନିତମ୍ବିନୀ ସ୍ୱାଇଁ, ନରେନ୍ଦ୍ର ବେହେରା, ପ୍ରଦୀପ ସାହୁ, ଶ୍ରୀକାନ୍ତ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ପ୍ରଦାନ କରି ଯୋଗ ପ୍ରଣାୟାମର ମହନିୟତା ସମ୍ପର୍କରେ ଆଲୋକପାତ କରିଥିଲେ। ନିକଟରେ ହରିଦ୍ୱାର ଠାରେ ଅନୁଷ୍ଠିତ ମହିଳା ଶିବିରରେ ନିତମ୍ବିନୀଙ୍କୁ ସେବା ରତ୍ନ ପୁରସ୍କାର ଓ ରାଷ୍ଟ୍ରିୟ କାର୍ଯ୍ୟକାରିଣୀ ଶିବିରରେ ମାର୍ଥାଙ୍କୁ ସହ ରାଜ୍ୟ ପ୍ରଭାରୀ ପଦପ୍ରାପ୍ତ ହୋଇଥିବାରୁ ବୈଠକରେ ସନ୍ତୋଷ ବ୍ୟକ୍ତ କରାଯାଇ ଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ଗତ ମଇରେ ଅନୁଷ୍ଠିତ ସହ ଯୋଗ ଶିକ୍ଷକ ତାଲିମ ଶିବିରରେ କୃତକାର୍ଯ୍ୟ ହୋଇଥିବା ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣ ପତ୍ର ବଣ୍ଟନ କରାଯାଇଥିଲା। ଦେଶର ପୁରପଲ୍ଲୀରେ ଯୋଗ ସାଧନାର ସଫଳ ବାର୍ତ୍ତା ପହଞ୍ଚାଇବାକୁ ଏଥିରେ ରାଜ୍ୟ ସହ ପ୍ରଭାରୀ ମାର୍ଥା ଆହ୍ୱାନ ଦେଇଥିଲେ। ଜିଲା କିଷାନ ପ୍ରଭାରୀ ପୀତବାସ ପ୍ରଧାନ କାର୍ଯ୍ୟକ୍ରମ ସଞ୍ଚାଳନ କରି ଧନ୍ୟବାଦ ପ୍ରଦାନ କରିଥିଲେ। ସହଯୋଗୀ ରୂପେ କୁନ୍ତଳା ସ, ସୁନୀତା ପ୍ରଧାନ ଓ ଅନୁସୂୟା ପାତ୍ର ଏଥିରେ ଉପସ୍ଥିତ ଥିଲେ।





ପତଞ୍ଜଳି ଯୋଗ ସମିତି ପକ୍ଷରୁ ମାସିକ ସତସଙ୍ଗରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ।

### ନୂଆଁ ବସ୍‌ଷ୍ଟାଣ୍ଡରେ ବଢୁଛି ମଦ କାରବାର, ଯାତ୍ରୀ ଅସୁରକ୍ଷିତ

ସୁନ୍ଦରଗଡ଼,୧୦।୬(ଡି.ଏନ୍.ଏ)

ସୁନ୍ଦରଗଡର ଘରୋଇ ବସଷ୍ଟାଣ୍ଡ ଲୁହୁରାଡିପାକୁ ସ୍ଥାନାନ୍ତର ହେବା ପରେ ଏବେ ସେଠାରେ ଯାତ୍ରୀମାନଙ୍କ ସୁରକ୍ଷା ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ନୂଆଁ ବସଷ୍ଟାଣ୍ଡ ତଥା ଏହା ସଂଲଗ୍ନ ଲୁହୁରାଡିପାରେ ଖୋଲାଖୋଲି ଭାବେ ମଦକାରବାର ଚାଲିଥିବା ବେଳେ ଏ ଦିଗରେ ଅବକାରୀ ଓ ପୋଲିସ ବିଭାଗର ସ୍ଥାଣୁତା ନେଇ ଅସନ୍ତୋଷ ପ୍ରକାଶ ପାଇଛି। ବସଷ୍ଟାଣ୍ଡରେ ମଦ୍ୟପଙ୍କ ଦୌରାତ୍ମ୍ୟ ବୃଦ୍ଧି ପାଉଥିବା ବେଳେ ଅନେକ ବସ୍ ଚାଳକ ଓ କର୍ମଚାରୀ ମଦ୍ୟପାନ କରି ଗାଡି ଚଳାଉଥିବା ଯୋଗୁ କେଉଁ ମୁହୂର୍ତ୍ତରେ ଦୁର୍ଘଟଣା ଆଶଙ୍କାରେ ଯାତ୍ରୀମାନେ ନିଜକୁ ଅସୁରକ୍ଷିତ ମନେକରୁଛନ୍ତି। ଏପରିକି ସନ୍ଧ୍ୟା ହେଲେ ଏହି ବସଷ୍ଟାଣ୍ଡ ମଦ୍ୟପ ଓ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳିରେ ପରିଣତ ହେଉଛି। ପୋଲିସ-ପ୍ରଶାସନ ପକ୍ଷରୁ ପାଟ୍ରୋଲିଂ ବ୍ୟବସ୍ଥାକୁ କଡାକଡି କରାଯିବା ସହ ଚୋରା ମଦକାରବାରକୁ ରୋକିବା ଦିଗରେ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

### ଜାତୀୟ କରାଟେ ଚମ୍ପିୟନଶିପ ଲାଗି ୫ ମନୋନୀତ





କୋଚଙ୍କ ସହିତ ୫ ଛାତ୍ରୀ ଛାତ୍ର।

ରାଉରକେଲା ଅଫିସ,୧୦।୬

କରାଟେ ଆସୋସିଏଶନ ଅଫ ଇଣ୍ଡିଆ(କାଇ) ଆନୁକୂଲ୍ୟରେ ୧୦ରୁ ୧୩ ପର୍ଯ୍ୟନ୍ତ ନୂଆଦିଲ୍ଲୀର ତାଲକୋଟରା ଇନଡୋର ଷ୍ଟାଡିୟମ ଠାରେ ଜାତୀୟ କରାଟେ ଚମ୍ପିୟନଶିପ ଅନୁଷ୍ଠିତ ହେବ। ସବଜୁନିୟର ଓ ସିନିୟର ବର୍ଗ କରାଟେ ଚାମ୍ପିୟନଶିପରେ ଭାଗ ନେବାକୁ ରାଉରକେଲାରୁ ୫ଜଣ ମନୋନୀତ ହୋଇ ନୂଆଦିଲ୍ଲୀ ଯାତ୍ରା କରିଛନ୍ତି। ଏମାନେ ହେଲେ ଡିଏଭି ସ୍କୁଲ ଛାତ୍ର କୁମାର ଶୁଭମ ଓ ଅର୍ପିତା ସିଂ, ସେଣ୍ଟ ଆରନୋଲ୍ଡ ଛାତ୍ର ଅଂଶୁମାନ ମାଝି, କେନ୍ଦ୍ରୀୟ ବିଦ୍ୟାଳୟ ଛାତ୍ରୀ ଅନନ୍ୟା ପାତ୍ରଙ୍କ ସହ ରାଉରକେଲା ପୋଲିସ ବିଭାଗର ଅଭିଷେକ ପଟ୍ଟନାୟକ। ଏମାନଙ୍କ ସହ ଓଡିଶା କୋଚ ରାଜୀବ ସିଂ ମଧ୍ୟ ନୂଆଦିଲ୍ଲୀ ଯାଇଥିବା ଅନୁଷ୍ଠାନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଛି।

# ଅଟୋ ଚାଳକଙ୍କ ସମସ୍ୟା ନେଇ ଆଲୋଚନା

## ସୁନ୍ଦରଗଡ ଅଟୋ କର୍ମଚାରୀ ମହାସଂଘ ପକ୍ଷରୁ ବାର୍ଷିକ ବୈଠକ

ରାଉରକେଲା ଅଫିସ,୧୦।୬

ସୁନ୍ଦରଗଡ ଅଟୋ କର୍ମଚାରୀ ମହାସଂଘ ବାର୍ଷିକ ବୈଠକ ପୱାର ହାଉସ ରୋଡ ଠାରେ ଥିବା କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଙ୍ଗଠନର ସାଧାରଣ ସମ୍ପାଦକ ସୁଧିର ଜେନା ଅଧ୍ୟକ୍ଷତା କରିଥିଲେ। ଏହି ଅବସରରେ ରାଉରକେଲା ସହରରେ କାର୍ଯ୍ୟରତ ଅଟୋ ଚାଳକଙ୍କ ସମସ୍ୟା ନେଇ ଅଲୋଚନା କରାଯାଇଥିଲା। ଅଭିଯୋଗ ହୋଇଥିଲା ଯେ, ଅଟୋ ଚାଳକମାନେ ବିଭିନ୍ନ ସମୟରେ ବିନା କାରଣରେ ଟ୍ରଫିକ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏ ଦିଗରେ ପଦକ୍ଷେପ ନିଆଯିବା ଆବଶ୍ୟକ ରହିଛି। ସେହିଭଳି ପରିବହନ ବିଭାଗ ପକ୍ଷରୁ କେତେବେଳେ ଫିଟନେସ, ରେନ୍ୟୁଆଲ ଓ ପଞ୍ଜିକରଣ ନେଇ ହଇରାଣ କରାଯାଉଛି ତ ଆଉ କେତେବେଳେ ସରକାରଙ୍କ ଆଇନ କାନୁନ ନେଇ ଚାଳକମାନେ ଚିନ୍ତାରେ ପଡୁଛନ୍ତି। ସଙ୍ଗଠନ ଉପଦେଷ୍ଟା ରମେଶ ବଳ ଏଥିରେ ଯୋଗଦେଇ କହିଥିଲେ, ସହରରେ ବସବାସ କରୁଥିବା ମଧ୍ୟବିତ ବର୍ଗ ଯାତାୟତ ନେଇ ଅଟୋ ଉପରେ ନିର୍ଭର କରିଥାନ୍ତି। ଏହି ସଂଖ୍ୟା ମଧ୍ୟ କିଛି କମ ନୁହେଁ। ସ୍କୁଲ କଲେଜ ଛାତ୍ରୀଛାତ୍ରଙ୍କ ଠାରୁ ନେଇ ବରିଷ୍ଠ ନାଗରିକଙ୍କୁ ସୁରକ୍ଷିତ ଭାବେ ନେବା ଆଣିବାରେ ଅଟୋ ଚାଳକଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଏପରି ଅବସ୍ଥାରେ ଅଟୋ ଚାଳକଙ୍କ ପ୍ରତି ଅଣଦେଖା ମନୋଭାବ ପୋଷଣ କରିବା ନିଶ୍ଚୟ ଉଦ୍‌ବେଗର କାରଣ ବୋଲି ବଳ ସ୍ୱୀକାର କରିଥିଲେ। ଉଭୟ ପ୍ରଶାସନ ଓ ଯାତ୍ରୀଙ୍କ ମଧ୍ୟରେ ଅଟୋ ଚାଳକଙ୍କୁ ନେଇ ସକାରାତ୍ମକ ଦୃଷ୍ଟିଭଙ୍ଗୀ ରହିବା ଆବଶ୍ୟକ। ଏପରି କରାଗଲେ ଯାତାୟତ କ୍ଷେତ୍ରରେ ଶୃଙ୍ଖଳା ରହିବ। ଏ ଦିଗରେ ସମସ୍ତେ ସହଯୋଗ କରିବା ଆବଶ୍ୟକ ବୋଲି ବଳ ଏଥିରେ ମତ ପ୍ରକାଶ କରିଥିଲେ। ସେ ଆହୁରି କହିଥିଲେ ଯେ, ସହରକୁ ପ୍ରଦୂଷଣ ମୁକ୍ତ ରଖିବାକୁ ସିଏନଜି ଗ୍ୟାସ ଚାଳିତ ଅଟୋ ଚଳାଯିବା ନେଇ ସରକାର ଗୁରୁତ୍ୱ ଦେବା ଆବଶ୍ୟକ। ଏନେଇ ସୁବିଧାରେ କିପରି ଋଣ ମିଳିପାରିବ ସେଥିପ୍ରତି ଜିଲା ପ୍ରଶାସନ ଧ୍ୟାନ ଦେବା ଜରୁରୀ। ସ୍କୁଲ ଛାତ୍ରୀଛାତ୍ରଙ୍କ ପାଇଁ ସ୍ୱତନ୍ତ୍ର ଭାବେ ନିୟୋଜିତ ଅଟୋଗୁଡିକର ସୁରକ୍ଷା ଓ ଭଡା ନିର୍ଦ୍ଧାରଣ ନେଇ ବଳ ଗୁରୁତ୍ୱାରୋପ କରିଥିଲେ। ଏହି ବୈଠକରେ ଅରୁଣ କୁଦ୍ରା, ସନ୍ତୋଷ ସା, ଯୋଗେନ୍ଦ୍ର ମହାତୋ, ସଞ୍ଜୟ ସା, କାଲୁ ସାହାଣୀ, ସୁଶାନ୍ତ ବାରକ, ନାରାୟଣ ଦାସ ଓ ଜିତେନ୍ଦ୍ର ଗୁପ୍ତା ପ୍ରମୁଖ ଉପସ୍ଥିତ ଥିଲେ।

### ସାଲବିରା ଗାଁରେ ଜିଓ ନେଟ୍‌ୱର୍କ ଫେଲ୍

ବଡଗାଁ, ୧୦।୬ (ଡି.ଏନ.ଏ)

ସୁନ୍ଦରଗଡ ଜିଲା ବଡଗାଁ ବ୍ଲକ ଅନ୍ତର୍ଗତ ଇତମା ପଞ୍ଚାୟତର ସାଲବିରା ଗ୍ରାମରେ ଜିଓ ନେଟୱାର୍କ ଲାଗୁନାହିଁ। ଲୋକେ ଗାଁର କେତେକ ନିର୍ଦ୍ଦିଷ୍ଟ ସ୍ଥାନକୁ ଗଲେ ସେଠାରୁ ନେଟୱାର୍କ ଲାଗୁଛି। ଘର ଭିତରେ ଜିଓ ମୋବାଇଲ ଓ ଜିଓ ନେଟୱାର୍କ ଫେଲ ମାରିଛି । ସାଲବିରା ଗ୍ରାମର ପଶ୍ଚିମ ପଟେ ୩କିମି ଦୂରତ୍ୱରେ ଜିଓ ଟାୱାର ଥିଲାବେଳେ ଉତ୍ତର ଦିଗକୁ ୪ କିମି ଦୂର କୁସ୍ତୁନା ଗାଁ, ପୂର୍ବ ଦିଗକୁ ୪ କିମି ଦୂର କୁତୁମୁରା ଗ୍ରାମରେ ଜିଓ ଟାୱାର ଥିଲେ ମଧ୍ୟ ସାଲବିରା ଓ ଆଖପାଖ ପଡା ଗ୍ରାମର ଲୋକେ ମୋବାଇଲ ସେବାରୁ ବଞ୍ଚିତ ହେଉଥିବା ସରାଜ ଦେଓ, ସୁକାଶ ମାଝୀ, ତେଜରାଜ ପୃଷେଟ, ରଥ ବେହେର, ପ୍ରକାଶ ମାଝୀ ପ୍ରମୁଖଙ୍କଠାରୁ ଜଣାପଡିଛି । ଜିଓ କମ୍ପାନୀର ଉଚ୍ଚ ଅଧିକାରୀ ଏହା ଉପରେ ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରୁଛନ୍ତି ।

# ଯୋଗ ମହୋତ୍ସବ ସମିତି ପକ୍ଷରୁ ପ୍ରଶିକ୍ଷଣ ଶିବିର

ରାଉରକେଲା ଅଫିସ,୧୦।୬

ଯୋଗ ମହୋତ୍ସବ ସମିତି ରାଉରକେଲା ମହାନଗର ଆନୁକୂଲ୍ୟରେ ରବିବାର ସେକ୍ଟର-୬ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଯୋଗ ଶିକ୍ଷକ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିରେ ପତଞ୍ଜଳି ଯୋଗ ସମିତି, ଆର୍ଟ ଅଫ ଲିଭିଂ, ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଶିକ୍ଷା ବିକାଶ ସମିତି, ଆରଏସ୍‌ପି ଅଫିସର ଆସୋସିଏଶନ, ଡିଏଭି, ଡିପିଏସ ଓ ଇସ୍ପାତ ଇଂରାଜୀ ମାଧ୍ୟମ ବିଦ୍ୟାଳୟ, ୟୁଜିଏମ କଲେଜ, ଉତ୍କଳ ପ୍ରାକୃତିକ ଯୋଗ ଚିକିତ୍ସା କେନ୍ଦ୍ର, ନାୟିକା, ଫକିରମୋହନ ୟୁଥ ଆସୋସିଏସନ, ଭାଜପା, ଗାୟତ୍ରୀ ପରିବାର, ବିଏମଏସ, ସ୍ୱଦେଶୀ ଜାଗରଣ ମଞ୍ଚ ଭଳି ୨୨ଟି ସଙ୍ଗଠନ ଭାଗ ନେଇଥିଲେ। ଆସନ୍ତା ୨୧ ଆନ୍ତର୍ଜାତୀୟ ଯୋଗ ଦିବସକୁ ସଫଳ କରିବା ନେଇ ଏଥିରେ ୧୩୫ଜଣ ଯୋଗ ଶିକ୍ଷକଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ମହାନଗର ଅନ୍ତର୍ଗତ ୧୫୦ଟି ସ୍ଥାନରେ ୧ଲକ୍ଷ ସଂଖ୍ୟାରେ ସାଧାରଣ ଜନତା କିପରି ଭାଗ ନେଇ ପାରିବେ ସେ ଦିଗରେ ପ୍ରୟାସ ଆରମ୍ଭ କରାଯାଇଛି। କେବଳ ଏତିକି ନୁହେଁ, ଜିଲାର ଆଭ୍ୟନ୍ତରୀଣ ଅଞ୍ଚଳ କୋଇଡା, ଗୁରୁଣ୍ଡିଆ, ଲହୁଣୀପଡା, ବଣାଇଁ, ଲାଠିକଟା, ନୂଆଗାଁ, କୁଆଁରମୁଣ୍ଡା, ବିଶ୍ରା, ରାଜଗାଙ୍ଗପୁର, ବୀରମିତ୍ରପୁର ଆଦି ଅଞ୍ଚଳର ୩ଶହ ସ୍ଥାନରେ ଦେଢଲକ୍ଷ ଲୋକ କିପରି ଏହି ଅନ୍ତର୍ଜାତୀୟ ଯୋଗ ଦିବସକୁ ପାଳନ କରିବେ ସେ ଦିଗରେ କାର୍ଯ୍ୟାରମ୍ଭ ହୋଇଛି। ଏ ନେଇ ଏକ ପ୍ରସ୍ତୁତି ବୈଠକ ଆସନ୍ତା ୧୫ ଜୁନରେ ସେକ୍ଟର-୬ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରଠାରେ ଅନୁଷ୍ଠିତ ହେବ। ଯେଉଁ ସଙ୍ଗଠନଗୁଡିକ ଅନ୍ତର୍ଜାତୀୟ ଯୋଗ ଦିବସ ଆୟୋଜନ କରିବାକୁ ଚାହୁଁଛନ୍ତି, ସେମାନେ ଏହି ବୈଠକରେ ଯୋଗ ଦେବାକୁ ପରାମର୍ଶ ପ୍ରଦାନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ନରେନ୍ଦ୍ର ବେହେରା, କିରଣ ପୋଥାଳ, ଧ୍ରୁବ ପାତ୍ର, ବବିତା ଦାସ, ଜଗନ୍ନାଥ ବେହେରା, ଯାଜ୍ଞବଲ୍କ୍ୟ ମିଶ୍ର, ବିଶ୍ୱଜିତ ଦାସ, ବିଚିତ୍ର ବିଶୋଇ, ହରୀଶ ଧଳ, ଅଭିଷେକ ପଟ୍ଟନାୟକ, ସୋମନାଥ ଆଚାର୍ଯ୍ୟ, ବଳଦେବ ସାହୁ, ଗଙ୍ଗାଧର ଦାସ, ଅମୂଲ୍ୟ ପାତ୍ର, ରଞ୍ଜନ ବେହେରା, ରଜନୀ ବେହେରା ଓ ସବିତା ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।



ଯୋଗ ମହୋତ୍ସବ ସମିତି ଆନୁକୂଲ୍ୟରେ ପ୍ରଶିକ୍ଷଣ ଶିବିର ଚାଲିଛି।

# ଆର୍‌ଏମ୍‌ସି ସଫେଇ କର୍ମଚାରୀଙ୍କୁ ପରିମଳ ତାଲିମ

ରାଉରକେଲା ଅଫିସ, ୧୦।୬



ଆର୍‌ଏମ୍‌ସି ପକ୍ଷରୁ ତାଲିମ କାର୍ଯ୍ୟକ୍ରମରେ ଉପସ୍ଥିତ ସଫେଇ କର୍ମଚାରୀ।

ରାଉରକେଲା ମହାନଗର ନିଗମ (ଆର୍‌ଏମ୍‌ସି) ପକ୍ଷରୁ ସଫେଇ କର୍ମଚାରୀଙ୍କ ନିମନ୍ତେ ୨ ଦିନିଆ ତାଲିମ କାର୍ଯ୍ୟକ୍ରମ ସୋମବାରଠାରୁ ଆରମ୍ଭ କରାଯାଇଛି। ଉଦିତନଗରଠାରେ ଥିବା ସିଟି ଅଡିଟୋରିୟମ, ବାଳିକା ଉଚ୍ଚ ବିଦ୍ୟାଳୟ ଓ ମହାନଗର ନିଗମ କାଉନସିଲ ହଲଠାରେ ୩୫୦ ସଫେଇ କର୍ମଚାରୀଙ୍କ ତାଲିମ ପ୍ରଦାନ ନେଇ ବ୍ୟବସ୍ଥା କରାଯାଇଛି। ଏଥିରେ ବର୍ଜ୍ୟବସ୍ତୁ ସଂଗ୍ରହ, ପରିବହନ କ୍ଷେତ୍ରରେ କର୍ମଚାରୀଙ୍କ ଉତ୍ତର ଦାୟିତ୍ୱ ନେଇ ଆଲୋଚନା କରାଯାଇଥିଲା। ଆବାସିକ ଅଞ୍ଚଳଠୁ ନେଇ ରାସ୍ତାଘାଟ, ହାଟବଜାର, ନାଳ ନର୍ଦ୍ଦମା ଆଦି ସ୍ଥାନରୁ ବାହାରୁ ଥିବା ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁକୁ କିପରି ଅଲଗା ଅଲଗା ଭାବେ ସଂଗୃହିତ କରାଯିବ ସେନେଇ ସଫେଇ କର୍ମଚାରୀଙ୍କୁ ତାଲିମ ଦିଆଯାଇ ଥିଲା। ବିଭିନ୍ନ କିସମର ଅବ୍ୟବହୃତ ଫଳ, ପନିପରିବା, ବାସି ଫୁଲ, ଅଣ୍ଡା ଖୋଳପା, ମାଛ ମାଂସାଦି ଆମିଶ ବର୍ଜ୍ୟ ପଦାର୍ଥ, ନଖ ଓ କେଶ ଆଦି ବର୍ଜ୍ୟ ବସ୍ତୁ ଶ୍ରେଣୀର ବୋଲି ଏଥିରେ କୁହାଯାଇଥିଲା। ସଫେଇ କର୍ମଚାରୀ ପ୍ରତିଦିନ ଆବର୍ଜନା ସଂଗ୍ରହ ନେଇ ବିଭିନ୍ନ ଅଞ୍ଚଳକୁ ଗଲାବେଳେ ଏଭଳି ବର୍ଜ୍ୟ ବସ୍ତୁକୁ ସବୁଜ ରଙ୍ଗର ଡଷ୍ଟବିନରେ ରଖିବାକୁ ଅବଗତ କରାଇବେ। ସେହିପରି ତାର, କପଡା, ଚମଡା ଓ ରବର ଜାତୀୟ ପଦାର୍ଥ ସମେତ ଜରି, କାଗଜ ପେଟି, ପୁରୁଣା ଖବର କାଗଜ, ଭଙ୍ଗା ବାସନ କୁସନ, କାଚ ବୋତଲ, ଟିଣ ଡବା, ଲୁହା ଆଲୁମିନିୟମ ଜାତୀୟ ପଦାର୍ଥ ଶୁଖିଲା ବର୍ଜ୍ୟ ବସ୍ତୁ ଶ୍ରେଣୀର ଅଟେ। ଏହାକୁ କିପରି ଲୋକେ ନୀଳ ରଙ୍ଗର ଡଷ୍ଟବିନରେ ପକାଇବେ ସେ ଦିଗରେ ସଫେଇ କର୍ମଚାରୀ ଯତ୍ନବାନ ହେବାକୁ ପରାମର୍ଶ ପ୍ରଦାନ କରାଯାଇଥିଲା। ବର୍ଜ୍ୟବସ୍ତୁ ସଂଗ୍ରହ ସମୟରେ ଉପୁଜୁଥିବା ବିବାଦକୁ କିପରି ସମାଧାନ କରାଯିବ ସେନେଇ ମଧ୍ୟ ଆଲୋଚନା ହୋଇଥିଲା। ଏଥିସହ ସହରକୁ ସ୍ୱଚ୍ଛ, ସୁନ୍ଦର ତଥା ଆବର୍ଜନା ମୁକ୍ତ କରିବା ନେଇ ସଫେଇ କର୍ମଚାରୀଙ୍କ ଗୁରୁଦାୟିତ୍ୱ ବାବଦରେ ସେମାନଙ୍କୁ ବୁଝାଯାଇଥିଲା। ଏହି ଅବସରରେ ସଫେଇ କର୍ମଚାରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ମାଗଣାରେ ଔଷଧ ବଣ୍ଟନ କରାଯାଇଥିଲା। ଏହି ତାଲିମ କାର୍ଯ୍ୟକ୍ରମରେ ଆରଏମସି ଉପାୟୁକ୍ତ ସୁଧାଂଶୁ ଭୋଇଙ୍କ ସମେତ ଅନ୍ୟ ଅଧିକାରୀ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ମନ୍ଦିର ପ୍ରବେଶ କଲେ ଦେବ ଦମ୍ପତି

ଭେଡ଼େନ, ୧୦।୬ (ଡ଼ି.ଏନ.ଏ)
ଭେଡ଼େନ ବ୍ଲକ ଅନ୍ତର୍ଗତ ଜାଣ୍ଡୋଲ ଗ୍ରାମରେ ଚାଲିଥିବା ଶୀତଳ ଷଷ୍ଠୀ ପର୍ବ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ସହ ସମ୍ପନ୍ନ ହୋଇଛି । ବାବା ଜମ୍ବେଶ୍ୱରଙ୍କ ବର ମାତାପିତା ଭାବେ ଦେବାସ୍ମିତା ପଣ୍ଡା ଓ ସୁକାନ୍ତ ପଣ୍ଡା କାର୍ଯ୍ୟ ନିର୍ବାହ କରିଥିଲେ। ସେହିପରି କନ୍ୟା ମାତାପିତା ଭାବେ ସୌଦାମିନୀ ମେହେର ଓ ସତ୍ୟବାନ ମେହେର ଦାୟିତ୍ୱ ସମ୍ପାଦନ କରିଥିଲେ । ଏହି ଗ୍ରାମର ସାଧୁ ମେହେର ଚଳିତ ବର୍ଷ ବରଯାତ୍ରୀଙ୍କ ପାଇଁ ଅନ୍ନପ୍ରସାଦ ବ୍ୟବସ୍ଥା କରିଥିଲେ ।

### ଟ୍ରାକ୍ଟର ଚକ ତଳେ ଚାପି ହୋଇ ଡ୍ରାଇଭର ମୃତ

ଅତାବିରା, ୧୦।୬ (ଡି.ଏନ.ଏ)
ଅତାବିରା ଥାନା ତଥା ଗୋଡଭଗା ଫାଣ୍ଡି ଅନ୍ତର୍ଗତ ୫୪ ନମ୍ବର ରାଜ୍ୟ ରାଜପଥର ଗୋଡଭଗା- ଡୁରୁମରେ ସୋମବାର ଏକ ବାଲି ବୋଝେଇ ହାଇୱା ଗାଡି ବିପରୀତ ଦିଗରୁ ଆସୁଥିବା ଟ୍ରାକ୍ଟର (ନଂ. ଓଆର୍୧୭କ୍ୟୁ/୮୨୧୦)କୁ ଧକ୍କା ଦେଇଛି। ଫଳରେ ଟ୍ରାକ୍ଟର ଚକ ତଳେ ଚାପିହୋଇ ଡ୍ରାଇଭର ଲବ ମିର୍ଦ୍ଧାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ମୃତକଙ୍କ ଘର ଅତାବିରା ଥାନା ପୋଡବାହାଲ ଗ୍ରାମରେ । ସେ ମହୁଖଣ୍ଡ ଗ୍ରାମର ଏମ. ମୁରଲିକ୍ରିଷ୍ଣାଙ୍କ ଟ୍ରାକ୍ଟର ଚଳାଉଥିଲେ । ହାଇୱା ଗାଡିର ସନ୍ଧାନ ମିଳିପାରିନାହିଁ । ପୋଲିସ ଶବ ବ୍ୟବଚ୍ଛେଦ ପାଇଁ ବୁର୍ଲା ପଠାଇଛି ।

### ଶିବମନ୍ଦିର ରତ୍ନମୁଦ ଉତ୍ସବ

ମନମୁଣ୍ଡା, ୧୦।୬ (ଡି.ଏନ୍.ଏ)
ବୌଦ୍ଧ ଜିଲା ଗୁଡଭେଲିପଦର ଗ୍ରାମରେ ନବନିର୍ମିତ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୁଡଭେଲିପଦର ତଥା ଆଖପାଖ ୧୦ ଖଣ୍ଡ ଗ୍ରାମର ଶହ ଶହ ଭକ୍ତ ଭୋଗ, ଧାନ, ମୁଗ, ହରଡ ଆଦି ଶସ୍ୟାଦି ସହିତ ସୁନା, ରୁପା, ତମ୍ବା ଆଦି ଧାତୁ ଏବଂ ମୁଦ୍ରା ଆଣି ଗର୍ଭଗୃହରେ ଅର୍ପଣ କରିଥିଲେ । ନାମକୀର୍ତ୍ତନ ସହିତ ଏକ ବର୍ଣ୍ଣାଢ୍ୟ ପରିବେଶରେ ମନ୍ଦିରର ରତ୍ନମୁଦ ଉତ୍ସବ ସମାପନ ହୋଇଥିଲା । ଏହି ଅବସରରେ ମନ୍ଦିର କାରିଗର ସରଜୁ ଭଞ୍ଜ ରତ୍ନମୁଦ ସମ୍ପୂର୍ଣ୍ଣ କରିଥିଲେ। ଗୁଡଭେଲିପଦର ସରପଞ୍ଚ ସ୍ନେହଲତା ପଣ୍ଡା ଓ ତାଙ୍କ ପ୍ରତିନିଧି ରବିନାରାୟଣ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଉତ୍ସବ ପାଳିତ ହୋଇଥିଲା ।

### କୋଚିଂ ସେଣ୍ଟରକୁ ଅଙ୍କୁଶ ନାହିଁ

ଜାମଟିକ୍ରା, ୧୦।୬ (ଡି.ଏନ୍.ଏ)
ଅତାବିରା ଏନଏସି ଓ ଗ୍ରାମାଞ୍ଚଳରେ ବେଆଇନ କୋଚିଂ ସେଣ୍ଟର ଚାଲିଛି। ରାସ୍ତା ପାଖ ଓ ବିଭିନ୍ନ ଗଳିକନ୍ଦିରେ ଏହି କୋଚିଂ ସେଣ୍ଟର କାମ କରୁଥିଲେ ମଧ୍ୟ କୌଣସି ପ୍ରକାର ସୁରକ୍ଷା ବ୍ୟବସ୍ଥା ନାହିଁ । ଯେତିକି ସ୍କୁଲ କଲେଜ ଅଛି ତାଠାରୁ ଢ଼େର ଅଧିକ କୋଚିଂ ସେଣ୍ଟର ରହିଛି । କୋଚିଂ ସେଣ୍ଟରେ ଯୁକ୍ତ ୨ ଓ ଯୁକ୍ତ ୩ ଫେଲ ଛାତ୍ରୀଛାତ୍ରଙ୍କୁ ପାଠପଢ଼ା ପାଇଁ ନିଯୁକ୍ତି ଦିଆଯାଉଥିବା ଦେଖିବାକୁ ମିଳିଛି। ଏ ସମ୍ପର୍କରେ ଅତାବିରା ବିଇଓ ରାଜାରାମ ମେହେରଙ୍କୁ ପଚାରିବାରୁ ଏଥିପ୍ରତି ଦୃଷ୍ଟି ଦେଇ ବିହିତ ପଦକ୍ଷେପ ନିଆଯିବ ବୋଲି କହିଥିଲେ ।

# ମଣ୍ଡିରୁ ଉଠୁନି ଧାନ, ଜିଲାପାଳଙ୍କୁ ଫେରାଦ

## ଧାନ କିଣାବିକାରେ ଆସିନି ସୁଧାର

ବରଗଡ଼ ଅଫିସ୍,୧୦।୬


ଧାନ ଉଠାଣ ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ବରଗଡ଼ ଜିଲାରେ ରବିଋତୁ ଧାନ ସଂଗ୍ରହ ପ୍ରକ୍ରିୟାକୁ ମାସେ ବିତିଯାଇଛି । ହେଲେ ଧାନ କିଣାବିକାରେ ସୁଧାର ଆସିନାହିଁ। ମଣ୍ଡିରେ ସଂଗୃହୀତ ଧାନ ଅନୁପାତରେ ତାହା ଉଠୁନାହିଁ। ଫଳରେ ଜିଲାର ମଣ୍ଡିଗୁଡ଼ିକରେ ଖୋଲା ଆକାଶତଳେ ବହୁ ପରିମାଣର ଧାନ ପଡ଼ି ରହିଛି। ଚାଷୀ କାମଧନ୍ଦା ଛାଡ଼ି ଖରାତାତିରେ ତାକୁ ଜଗି ରହିଥିବାବେଳେ ଧାନ ଅମଳରେ ନିୟୋଜିତ ଶ୍ରମିକଙ୍କୁ ମଧ୍ୟ ପ୍ରାପ୍ୟ ପ୍ରଦାନ କରିପାରୁନାହାନ୍ତି। ଅନ୍ୟପଟେ ଗତ କିଛିଦିନ ହେଲା ସନ୍ଧ୍ୟା ସମୟରେ କାଳବୈଶାଖୀ ମାଡ଼ି ଆସୁଛି ଏବଂ ଚାଷୀଙ୍କ ଅମଳ ଧାନକୁ ନଷ୍ଟ କରିଛି । ଏହାକୁ ନେଇ ଚାଷୀ ଚିନ୍ତିତ ହୋଇପଡ଼ିଥିବା ବେଳେ ଧାନ ନ ଉଠିବାରୁ ସେମାନଙ୍କ ଅସନ୍ତୋଷ ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି ।

ସୋମବାର ଜିଲାର ଅତାବିରା ନିୟନ୍ତ୍ରିତ ବଜାର କମିଟି (ଆରଏମସି) ଅଧୀନ ରେଶମ ନିକଟ ପ୍ରଧାନାପାଲି ଗ୍ରାମର ଚାଷୀମାନେ ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଫେରାଦ ହୋଇଥିଲେ । ସେମାନଙ୍କ ଗ୍ରାମରେ ଥିବା ମଣ୍ଡିରେ ବର୍ତ୍ତମାନ ୧୨ହଜାର ପ୍ୟାକେଟ୍ ଧାନ ପଡ଼ି ରହିଛି ଏବଂ ମିଲର୍ସମାନେ ତାକୁ ଉଠାଉ ନ ଥିବା ସେମାନେ ଅଭିଯୋଗ କରିଛନ୍ତି । ଦିନକୁ କେବଳ ୨ରୁ ୩ଟି ଟ୍ରକ ଆସୁଥିବା ଯୋଗୁ ଧାନ ଉଠାଣ ପ୍ରକ୍ରିୟା ଧିମେଇ ଯାଇଛି ଏବଂ ଏଥିପାଇଁ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । ସେହି ମଣ୍ଡିରେ ଧାନ ଉଠାଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଚାଷୀମାନେ ଦାବି କରିଛନ୍ତି । ନବୀନ ଗଡ଼ତିଆ, ପ୍ରଫୁଲ୍ଲ ପ୍ରଧାନ, ଜୟଦେବ ମାଝିଙ୍କ ସମେତ ଅନେକ ଚାଷୀ ସ୍ମାରକପତ୍ର ପ୍ରଦାନ କରିବାକୁ ଆସିଥିଲେ । ସେହିପରି ଜିଲାର ଅନ୍ୟ କେତେକ ଅଞ୍ଚଳରୁ ମଧ୍ୟ ଚାଷୀମାନେ ଅନୁରୂପ ଅଭିଯୋଗ ନେଇ ଜିଲାପାଳଙ୍କୁ ଭେଟି ମଣ୍ଡିରୁ ଧାନ ଉଠାଇବାକୁ ନିବେଦନ କରିଥିଲେ ।

## ଖୋଲା ଆକାଶ ତଳେ ୨୫ ହଜାର ପ୍ୟାକେଟ ଧାନ

ଭେଡ଼େନ, ୧୦।୬ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ତହସିଲ ଅନ୍ତର୍ଗତ ସାଲେପାଲି ଧାନକ୍ରୟ କେନ୍ଦ୍ରରେ ଅତ୍ୟନ୍ତ ଧିମା ଗତିରେ ଧାନ ଉଠାଣ ହେଉଛି । ଫଳରେ ଏବେବି ୨୫ ହଜାର ପ୍ୟାକେଟ ଧାନ ଖୋଲା ଆକାଶ ତଳେ ପଡ଼ିଥିଲେ ମଧ ଏହାର ଉଠାଣ ଦିଗରେ ପ୍ରଶାସନ ପକ୍ଷରୁ ପଦକ୍ଷେପ ନିଆଯାଉନାହିଁ । ଦୈନିକ ପ୍ରାୟ ଏକ ହଜାର କୁଇଣ୍ଟାଲ ଧାନ ଉଠାଣର ଟାର୍ଗେଟ ଥିଲେ ମଧ କେଉଁ ଦିନ ଗୋଟିଏ କିମ୍ବା ଦୁଇଟି ଗାଡ଼ି ଆସି ମାତ୍ର ୪ଶହରୁ ୫ଶହ କୁଇଣ୍ଟାଲ ଧାନ ଉଠାଣ ହେଉଛି । ଏହି ୟାର୍ଡ଼କୁ ଟ୍ୟାଗ୍ କରିଥିବା ମିଲ୍ ମଧରୁ ମହାଲକ୍ଷ୍ମୀ ଏବଂ ଶ୍ରୀ ଗୋପାଳଜୀ ମିଲ୍ ଏପର୍ଯ୍ୟନ୍ତ ଆସି ନାହାନ୍ତି । କ୍ରୟ ଦାୟିତ୍ୱରେ ଥିବା ପ୍ୟାକ୍ସ କର୍ମଚାରୀ ଏବଂ ଚାଷୀମାନେ ପ୍ରତିଦିନ ଆସି ସକାଳୁ ସନ୍ଧ୍ୟା ପର୍ଯ୍ୟନ୍ତ ଅପେକ୍ଷା କରୁଥିବା ବେଳେ ମିଲ୍‌ର ଗାଡ଼ି ଆସୁ ନ ଥିବାରୁ ଧାନ ଉଠାଣ ସମ୍ଭବ ହେଉନାହିଁ । ଏ ନେଇ ଚାଷୀମାନଙ୍କ ମଧରେ ବ୍ୟାପକ ଅସନ୍ତୋଷ ଏବଂ ଉତ୍ତେଜନା ଲାଗି ରହିଥିବା ବେଳେ ସୋମବାର ଅନେକ ଚାଷୀ ବରଗଡ଼ ଯାଇ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି ।


ସାଲେପାଲି କ୍ରୟକେନ୍ଦ୍ରରେ ଖୋଲା ଆକାଶ ତଳେ ପଡ଼ିଛି ହଜାର ହଜାର ବସ୍ତା ଧାନ ।

## ନୂତନ ଗୌନ୍ତିଆଙ୍କ ଅଭିଷେକୋତ୍ସବ

ଅମ୍ବାଭୋନା, ୧୦।୬ (ଡି.ଏନ.ଏ)

ଅମ୍ବାଭୋନା ବ୍ଲକ ଅଧୀନ ବଡଧରା ଗ୍ରାମରେ ନୂତନ ଗୌନ୍ତିଆ ଭାବେ ସୁବାଷ ଚନ୍ଦ୍ର ପ୍ରଧାନଙ୍କୁ ଗ୍ରାମବାସୀଙ୍କ ତରଫରୁ ସ୍ଥାନୀୟ ବିଷ୍ଣୁ ମନ୍ଦିର ସମ୍ମୁଖରେ ଅଭିଷେକ କରାଯାଇଛି। ଗ୍ରାମର ଗୌନ୍ତିଆ ଭିକାରୀ ଚରଣ ପ୍ରଧାନଙ୍କ ମୃତ୍ୟୁ ପରେ ତାଙ୍କର ଉତ୍ତରାଧିକାରୀ ଭାବେ ତାଙ୍କ ପୁତ୍ର ସୁବାଷ ଚନ୍ଦ୍ର ପ୍ରଧାନଙ୍କୁ ଗ୍ରାମର ଆବାଳ ବୃଦ୍ଧବନିତାଙ୍କ ଉପସ୍ଥିତିରେ ଗ୍ରାମବାସୀ ଗୌନ୍ତିଆ ପଗଡି ଓ ଫୁଲମାଳ ପିନ୍ଧାଇ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ଗୌରହରି ପଣ୍ଡା ମନ୍ତ୍ରପାଠ କରିଥିବା ବେଳେ ତିଲକ ମହାପାତ୍ର ଶଙ୍ଖଧ୍ୱନି ଦେଇଥିଲେ । ପଡୋଶୀ ଛତିଶଗଡ ରାଜ୍ୟର ବଡ ନୂଆପଡାର ଗୌନ୍ତିଆ ଚିନ୍ତାମଣି ସାହୁ, ଗ୍ରାମର ବୟୋଜ୍ୟେଷ୍ଠ ତ୍ରିଲୋଚନ ସାହୁ, ଉପେନ୍ଦ୍ର ପଧାନ, ମକରଧ୍ୱଜ ପଶାୟତ, ମକ୍ତା ଭୋଏ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ସେହିପରି ଗୌନ୍ତିଆ ପଡା, ବୈଦ୍ୟପଡା, ହରିଜନପଡା, ସହଁରାପଡା, ଡୁବୁରିପଡା, ଡୁମ୍ବେରମୁଣ୍ଡା ଆଦି ସ୍ଥାନରେ ମଧ ନୂତନ ଗୌନ୍ତିଆଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା ।

## ମରୁଡ଼ି ସହାୟତାରୁ ବଞ୍ଚିତ ଚାଷୀ


ମରୁଡ଼ି ସହାୟତା ଦାବିରେ ଜିଲାପାଳଙ୍କୁ ଫେରାଦ ହୋଇଥିବା ଚାଷୀମାନେ ।

ବରଗଡ଼ ଅଫିସ୍,୧୦।୬

ବରଗଡ଼ ଜିଲା ବିଜେପୁର ବ୍ଲକ ଅନ୍ତର୍ଗତ ଏମ. ଶ୍ରୀଗିଡ଼ା ପଞ୍ଚାୟତ ଅଧୀନ ଗ୍ରାମ ଗୁଡ଼ିକର ଚାଷୀଙ୍କୁ ବର୍ତ୍ତମାନ ସୁଦ୍ଧା ଗତ ୨୦୧୮ ଖରିଫର ମରୁଡ଼ି ସହାୟତା ମିଳି ନ ଥିବା ଅଭିଯୋଗ ହୋଇଛି। ଏଭଳି ଅଭିଯୋଗ ନେଇ ଉକ୍ତ ପଞ୍ଚାୟତର ଚାଷୀମାନେ ସୋମବାର ଜିଲାପାଳ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଭେଟି ଏକ ସ୍ମାରକପତ୍ର ପ୍ରଦାନ କରିଥିଲେ। ସ୍ମାରକପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି, ବର୍ଷାଭାବରୁ ଗତ ୨୦୧୮ ଖରିଫ ଫସଲ ସମ୍ପୂର୍ଣ୍ଣ ଉଜୁଡ଼ି ଯାଇଥିଲା ଏବଂ ମରୁଡ଼ି ଘୋଷଣା ହୋଇଥିଲା। ସେତେବେଳେ ଚାଷୀମାନେ ଧାନ ଅମଳ କିମ୍ବା ବିକ୍ରି କରି ପାରି ନ ଥିଲେ । ସେହି ବର୍ଷର ମରୁଡ଼ି ସହାୟତା ବିଜେପୁର ବ୍ଲକର ଅନ୍ୟ ପଞ୍ଚାୟତ ଅଧୀନ ଗ୍ରାମର ଚାଷୀଙ୍କୁ ମିଳିଥିବାବେଳେ ଏଥିରୁ ଏମ.ଶ୍ରୀଗିଡ଼ା ପଞ୍ଚାୟତ ଅନ୍ତର୍ଗତ ଗ୍ରାମର ଚାଷୀଙ୍କୁ ବାଦ୍ ଦିଆଯାଇଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଏହି ଅଭିଯୋଗ ନେଇ ପୂର୍ବରୁ ସମ୍ପୃକ୍ତ ଗ୍ରାମର ଚାଷୀମାନେ ବିଜେପୁର ତହସିଲଦାରଙ୍କୁ ଫେରାଦ ହୋଇଥିଲେ। ସେତେବେଳେ ତହସିଲଦାର ମରୁଡ଼ି ସହାୟତା (ଇନପୁଟ୍ ସବସିଡ଼ି) ବାବଦକୁ ଅତିରିକ୍ତ ତାଲିକା ଜିଲାପାଳଙ୍କ କାର୍ଯ୍ୟାଳୟକୁ ପତ୍ରସଂଖ୍ୟା–୩୮୪୭ ତା–୧୦।୧୨।୧୮ରେ ଯାଇଥିବା କୁଆଡ଼େ କହିଥିଲେ । ମାତ୍ର ଜିଲାପାଳ ଅଫିସକୁ ଆସି ଚାଷୀମାନେ ସେ ସମ୍ପର୍କରେ ପଚାରିବାରୁ ସେଭଳି ତାଲିକା ଆସି ନ ଥିବା ବିଭାଗୀୟ ଅଧିକାରୀମାନେ ପ୍ରକାଶ କରିଥିଲେ ବୋଲି ଚାଷୀମାନେ କହିଛନ୍ତି। ବିଭାଗୀୟ ସ୍ତରରେ ଚାଷୀମାନଙ୍କ ପ୍ରତି ଏଭଳି ମନୋଭାବ ପୋଷଣ ଯୋଗୁ ସେମାନେ ବର୍ତ୍ତମାନ ସୁଦ୍ଧା ୨୦୧୮ ଖରିଫର ମରୁଡ଼ି ସହାୟତା ପାଇବାରୁ ବଞ୍ଚିତ ଥିବା ଚାଷୀମାନେ ଅଭିଯୋଗ କରିଛନ୍ତି । ଫଳରେ ଏ ଦିଗରେ ତ୍ୱରିତ ପଦକ୍ଷେପ ସହିତ ଚାଷୀମାନଙ୍କୁ ମରୁଡ଼ି ସହାୟତା ଯୋଗାଇ ଦେବା ପାଇଁ ଏମ. ଶ୍ରୀଗିଡ଼ା ଗ୍ରାମର କିଶୋର ପ୍ରଧାନ, ସନ୍ତୋଷ ପଧାନ, ଖୁସିରାଜ ଭୋଇ, ବଲଣ୍ଡା ଗ୍ରାମର ଧର୍ମେନ୍ଦ୍ର ସାହୁ, ଝିଲିପାଲି ଗ୍ରାମର ସାଗର ବାଙ୍କ, ଗୋବିନ୍ଦ ସାହୁ ପ୍ରମୁଖ ଚାଷୀ ଜିଲାପାଳଙ୍କୁ ନିବେଦନ କରିଛନ୍ତି ।

## ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର

## ୮୦ ସଫେଇ କର୍ମଚାରୀଙ୍କୁ ପ୍ରମାଣପତ୍ର ପ୍ରଦାନ

ପଦ୍ମପୁର, ୧୦।୬ (ଡି.ଏନ.ଏ)

ପଦ୍ମପୁର ଏନଏସି ପକ୍ଷରୁ ସୋମବାର ସ୍ଥାନୀୟ ଟାଉନ ହଲଠାରେ କର୍ମଚାରୀ ଓ ସଫେଇ କର୍ମଚାରୀଙ୍କୁ ନେଇ ବର୍ଜ୍ୟବସ୍ତୁ ପରିଚାଳନା ପ୍ରଶିକ୍ଷଣ ଶିବିର ପଦ୍ମପୁର ବିଧାୟକ ବିଜୟ ରଞ୍ଜନ ସିଂ ବରିହାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା । ବରିହା ବର୍ଜ୍ୟବସ୍ତୁ ପରିଚାଳନା ଉପରେ ସବିଶେଷ ବିବରଣୀ ଦେଇଥିଲେ । ଉକ୍ତ ଶିବିରରେ ନିର୍ବାହୀ ଅଧିକାରୀ ଅଶୋକ କୁମାର ପାତ୍ର, ଗୋଷ୍ଠୀ ସଙ୍ଗଠିକା ଚିତ୍ରୋତ୍ପଳା ମେହେର, ଆକାଉଣ୍ଟାଣ୍ଟ ସୌମ୍ୟବଲ୍ଲଭ ମହାପାତ୍ର, ଏମଆଇଏସ ଧର୍ମପ୍ରିୟ ସେଠୀ, ଟିମ୍ ଲିଡର ବିଦ୍ୟାଧର ଶତପଥି, ପରିମଳ ପରିଚାଳନା ବିଶେଷଜ୍ଞ ସୁଶାନ୍ତ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ । ନିର୍ବାହୀ ଅଧିକାରୀ ସହରାଞ୍ଚଳରେ ସଫେଇ କର୍ମଚାରୀଙ୍କୁ ବର୍ଜ୍ୟବସ୍ତୁର ପୃଥକୀକରଣ, ପ୍ଲାଷ୍ଟିକ ଓ ପଲିଥିନ ବ୍ୟବହାର ନିଷିଦ୍ଧ ବିଷୟରେ ଜଣାଇଥିଲେ । ପ୍ରଶିକ୍ଷଣରେ ୮୦ଜଣ ସଫେଇ କର୍ମଚାରୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା ।

## ପଁଚେତ୍‌ରେ କାଗଜପତର ଦାଖଲ କରି ନିରାଶ

## ବଏସ୍ ୭୦, ଭତ୍ତାରୁ ବଁଚିତ୍ ପଞ୍ଚାନନ

ଅତାବିରା, ୧୦।୬ (ଡି.ଏନ.ଏ)


ବୁରୁଧ୍ ପଞ୍ଚାନନ ପାତ୍ର।

କେନ୍ଦ୍ର ଆର ରାଏଜ୍ ସରକାର ବୁଢ଼ାବୁଢ଼ି, ବିଧବା, ଛାଡ଼ରି, ଦିବ୍ୟାଙ୍ଗମାନକୁ ଇନ୍ଦିରା ଗାନ୍ଧୀ, ମଧୁବାବୁ ଲେଖେଁ ପେନ୍‌ସନ ଯୋଜନାରେ ସାମିଲ କରି ଫିମାସ ଭତା ଯୁଗେଇ ଦେଉଛନ୍। ଇଥିରଲାଗି କେନ୍ଦ୍ର ଆର ରାଏଜ୍ ସରକାର ଫିବଛର ରାଜକୋଷରୁ କୋଟି କୋଟି ଟଁକା ଖରଚ୍ କରୁଛନ୍। ହେଲେ କେତେ ଅଧିକାରୀ, କରମ୍‌ଚାରୀ, ସରପଁଚ୍, କାର୍ଯ୍ୟନିର୍ବାହୀ ଅଧିକାରୀମାନକର ଦାଇତିଅହୀନତାର ଲାଗି ହକ୍‌ଦାର ହିତାଧିକାରୀ ଯୋଜନାର ଲାଭ ପାଏବାରୁ ବଁଚିତ୍ ହେଉଛନ୍। ହେଲେ ସରକାର ଇ ଅଧିକାରୀ, କରମଚାରୀକର ଉପରେ କେହେନ୍‌ସି ପରକାର ପଦକ୍ଷେପ ନାଇଁ ନେବାର, ଅନେକ ଜାଗାରେ ସରକାରକଁର ଇ ମହତ୍ ଯୋଜନା ବାଟବନା ହେଉଛେ। ଅନେକ ପଁଚେତ୍, ବ୍ଲକ ଅଫିସମାନକେ ଆବେଦନ ପତର ବଛର ବଛର ହେଲା ଖତଖାଉଛେ। ଏନ୍‌ତା ଗୁଟେ ଉଦାହରନ୍ ଦେଖିବାକେ ମିଳିଛେ ବରଗଡ଼ ଜିଲା ଭେଡ଼େନ ବ୍ଲକ ଦେଶଭଟିଲି ପଁଚେତ୍ ଉଦେପୁର ଗାଁରେ। ଗାଁର ପଞ୍ଚାନନ ପାତ୍ର(୭୦) ବାରବାର ବୁଢ଼ାବୁଢ଼ି ଭତାର ଲାଗି ଆବେଦନ କରି ନିରାଶ ହେଇଥିବାର କହିଛନ୍। ଇ ବାବ୍‌ଦେ ଭେଡ଼େନ ବିଡିଓ ମୁରଲୀଧର ନାୟକକୁଁ ପଚରାଲାରୁ ବ୍ଲକ ଅଫିସରେ ଦରକାରୀ କାଗଜପତର ଦାଖଲ କଲେ ଭତା ଯୁଗେଇ ଦିଆଯିବା ବଲି ସେ କହିଥିଲେ।

■ ଆବାସ ଯୋଜନା ବାଟବନା

## ଭଂଗା ଘରେ ବିତୁଛେ ମା'ପୁଓର ଅସାହା ଜୀବନ୍

ଗାଇସିଲେଟ, ୧୦।୬(ଡି.ଏନ୍.ଏ):

ବରଗଡ଼ ଜିଲା ଗାଇସିଲେଟ ବ୍ଲକ ବୁରୋମୁଣ୍ଡା ପଁଚେତ୍ ବଇଦପାଲି ଗାଁର ବିଧବା ମହିଲା ସତ୍ୟଭାମା ସାହୁ। ଆଏଜ୍‌କେ ୫ ବଛର ତଲେ ଆପନେ ନରହରି ସାହୁ ଆରପାରକେ ଚାଲିଯାଇଛନ୍। ଏନ୍‌ତାଥି ସତ୍ୟଭାମା ନିସାହା ହେଇ ନିଜର ନାବାଲକ ପୁଓର ସଂଗେ ଗୁଟେ ଭଂଗା ଦଦ୍‌ରା ଘରେ ରହିଆସୁଛନ୍।

ସୂଚନା ଅନ୍‌ସାରେ ବଇଦପାଲି ଗାଁର ସ୍ୱର୍ଗତ ନରହରି ସାହୁ ଝନେ ନିହାତି ଗରିବ୍ ଲୋକ୍, ଜମିବାଡ଼ି ବଲି କିଛି ନାଇଁ। ପରିବାର କହେଲେ ମାଏକିନା ସତ୍ୟଭାମା ଆର ପୁଓ ସଞ୍ଜିବ(୯)। ନରହରି ବାହାର ରାଏଜ୍‌କେ ଦାଦନ ଖଟିଯାଇ ପରିବାର ଚଲଉଥିଲେ। ସେଥିରୁ ଦୁଇପଏସା ଅଗଲେଇ ଗାଁରେ ୪ ଡିସିମିଲ ଡିହ ଘିନି ଝାଟି ମାଟିର କୁରିଆଟେ ତିଆରିଥିଲେ। ହେଲେ ଆଏଜ୍‌କେ ୫ ବଛର ତଲେ କେହେନ୍‌ସି କାରନ୍‌ରୁ ନରକରିକଁର ମୁରତୁ ହେଇଗଲା। ଏନ୍‌ତାଥି ମାଏକିନା ସତ୍ୟଭାମା ଆର ନାବାଲକ ପୁଓ ସଞ୍ଜିବ ଅସାହା ହେଇଗଲେ। ପରିବାରଟା ନିହାତି ଗରିବ୍ ହେଇଥିଲା ବେଳେ ସତ୍ୟଭାମା ଏହେଦେ ପରହର କାମବୁତା କରି ପୁଓର ପେଟ ପାଲୁଛନ୍। ସେ ପଁଚେତ୍‌ରୁ ମାସିକ ୫ଶହ ଟଁକା ବିଧବା ଭତା ଆର ୧୦ କେ.ଜି. ଚାଉଳ ପାଉଛନ୍ ସତ୍, ହେଲେ ସେଟା ଦୁଇ ମା'ପୁଓକୁ ନିଅଁଟ୍ ହେଉଛେ। ଏନ୍‌ତା ନିଅଁଟିଆ ପରିସ୍ଥିତିରେ ସେ ତାକର ଝାଟି ମାଟିର ଘରଟା ମରାମତି କରି ନାଇଁ ପାରବାର। ଯେନ୍‌ଥିରଲାଗି ଘରର କେତେ ପାଟି, ଚନ୍‌ଖା ଭାଂଗି ଯାଇଥିଲାବେଳେ ଆରକେତେ ଲେଦ୍‌ନେଇ ଯାଇଛେ। କାଁଥି ଦୁରବଲ ହେଇ କେତେ ଜାଗାରେ ଧସି ଗଲାନ, ଘରର ଛାଉନିର ବଡ଼ଭାଗି ଖପର ଭାଂଗିଯାଇଛେ। ଏନ୍‌ତାଥି ସେମାନେ ଛାଉନିରେ ଗୁଟେ ତାରପଲିନ ଢ଼ାପି ଘରେ ରହୁଛନ୍, ହେଲେ ଘରଟା କେତେବେଲେ ମାଡ଼ି ବସବା କିଛି କହି ନାଇଁହୁଏ। ମା'ପୁଓ ଉପେ ଶୂଇନ୍ ହେଇ ନିଜର ଜୀବନ୍‌କେ ପାଏନ୍ ଛଡ଼େଇ ସେ ଭଂଗା ଘରେ ରହୁଛନ୍। ଏନ୍‌ତାଥି ସତ୍ୟଭାମା ଉପେ ଶୂଇନ୍ ହେଇ ଗଣମାଧ୍ୟମ ଜରିଆରେ ଥାନୀୟ ପରଶାସନକେ ସରକାରୀ ଯୋଜନାରେ ପକାଘର ଖଁଡ଼େ ଯୁଗେଇ ଦେବାକେ ଗୁହାରି କରିଛନ୍।


ନିଜର ଭଂଗା ଘର ଆଘେ ନିସାହା ବିଧବା ସତ୍ୟଭାମା।

■ ଭେଡ଼େନ ତହସିଲ ଅଫିସରେ ଅବ୍ୟବସ୍ଥା

## ପ୍ରତିବାଦରେ ତାଲା ପକାଇଲା ଓକିଲ ସଂଘ

ଭେଡ଼େନ, ୧୦।୬ (ଡ଼ି.ଏନ.ଏ)

ବରଗଡ଼ ଜିଲା ଭେଡ଼େନ ତହସିଲ ଅଫିସରେ ବ୍ୟାପକ ଅବ୍ୟବସ୍ଥା ଦେଖାଦେବା ସହ ଏହା ଦୁର୍ନୀତିର ଗନ୍ତାଘର ସାଜିଛି । ଏହାର ପ୍ରତିବାଦରେ ସୋମବାର ଠାରୁ ଭେଡ଼େନ ତହସିଲ ଓକିଲ ସଂଘର ସଦସ୍ୟମାନେ ତହସିଲ ଅଫିସ ଗେଟରେ ତାଲା ପକାଇ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ ଚଳାଇଛନ୍ତି । ସଂଘର ଉପସଭାପତି ପ୍ରଶାନ୍ତ କୁମାର ନାୟକ, ସମ୍ପାଦକ ରକ୍ଷାକାରୀ ଠେଲା ପ୍ରମୁଖଙ୍କ ନେତୃତ୍ୱରେ ଆନନ୍ଦ ପ୍ରଧାନ, କାର୍ତ୍ତିକ ରଣା, ନରେନ୍ଦ୍ର ଭୋଇ, ଲିଙ୍ଗରାଜ ବିଶି, ଅଶ୍ୱିନୀ ଦାଶ, ଗଙ୍ଗାଧର ମହାକୁର, ସୁଶୀଲ ବେହେରା, କିଶୋର କୁମାର ପାଇକ, ହିମାଂଶୁ ଦୋରା, ମହେଶ୍ୱର ପାଣ୍ଡେଙ୍କ ସମେତ ଅନ୍ୟ ସଦସ୍ୟମାନେ ଅଫିସ ଆଗରେ ଧାରଣା ଦେଇଥିଲେ । ଏ ନେଇ କୌଣସି ପ୍ରଶାସନିକ ଅଧିକାରୀ ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରି ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଇଥିଲା । ସଂଘ ପକ୍ଷରୁ ଦିଆଯାଇଥିବା ଦାବିପତ୍ର ଅନୁସାରେ, ଭେଡ଼େନ ତହସିଲ ଅଫିସରେ ଅଧିକାରୀ ଏବଂ କିରାଣୀମାନଙ୍କ ମନମୁଖି କାର୍ଯ୍ୟ ଯୋଗୁ ଅବ୍ୟବସ୍ଥା ଦିନକୁ ଦିନ ବଢ଼ିଚାଲିଛି । ଅଫିସକୁ ଆସୁଥିବା ନିରୀହ ଚାଷୀ ତଥା ଜନସାଧାରଣ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି । କାର୍ଯ୍ୟରତ ଏସଡ଼ବ୍ଲୁଓ, କମ୍ପ୍ୟୁଟର ଓ ମ୍ୟୁଟେସନ କିରାଣୀ ପ୍ରମୁଖଙ୍କ ମନମୁଖି କାମ ଯୋଗୁ ଅବ୍ୟବସ୍ଥା ବଢ଼ିଚାଲିଛି। ଓଏଲଆର, ରିମାଣ୍ଡ ରିଭିଜନ ମ୍ୟୁଟେସନ ଅନଲାଇନ କାମ ମଧ ହେଉନାହିଁ । ଭାବେ ତହସିଲରେ ଦାଖଲଖାରଜ ତଥା ରେକର୍ଡ଼ ପରିବର୍ତ୍ତନ କାମ ମଧ ହେଉନାହିଁ। ଏପରିକି ବିଭିନ୍ନ ସାର୍ଟିଫିକେଟ ପାଇଁ ଆବେଦନ କରିଥିବା ଛାତ୍ରୀଛାତ୍ରମାନଙ୍କୁ ଅନଲାଇନ କାମରେ ନେଟ୍ ସମସ୍ୟା ରହିଛି ବୋଲି କହି ହଇରାଣ କରାଯାଉଛି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ଦୃଷ୍ଟି ଆକର୍ଷଣ କରାଯିବା ସତ୍ତ୍ୱେ କିଛି ସୁଫଳ ମିଳି ନ ଥିଲା। ଫଳରେ ଓକିଲମାନେ ଗତବର୍ଷ ମଧ ଦୁଇଦିନ ଧରି ତାଲାବନ୍ଦ ଆନ୍ଦୋଳନ କରିଥିଲେ। ଏହାସତ୍ତ୍ୱେ ପରିସ୍ଥିତିରେ ସୁଧାର ନ ଆସିବାରୁ ସୋମବାରଠାରୁ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ତାଲା ବନ୍ଦ ଆନ୍ଦୋଳନ କରାଯାଇଥିବା ସଂଘ ପକ୍ଷରୁ କୁହାଯାଇଛି। ଏ ସମ୍ପର୍କରେ ସଂଘର କର୍ମକର୍ତ୍ତାମାନେ ବରଗଡ଼ ଜିଲାପାଳ, ଏସପି, ସମ୍ବଲପୁର ଆରଡ଼ିସି, ଭେଡ଼େନ ଆଇଆଇସି, ସ୍ଥାନୀୟ ବିଧାୟକ, ରାଜସ୍ୱ ସଚିବ ପ୍ରମୁଖଙ୍କୁ ଜଣାଇଛନ୍ତି । ଖବର ଲେଖାହେବା ସୁଦ୍ଧା (ସନ୍ଧ୍ୟା ସାଢ଼େ ୭ଟା) ଅଫିସରେ ତାଲା ପଡ଼ିଥିବା ଜଣାପଡ଼ିଛି ।


ଭେଡ଼େନ ତହସିଲ ଅଫିସରେ ତାଲା ପକାଇ ଓକିଲମାନେ ଧାରଣା ଦେଇଛନ୍ତି।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ,
ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ, ୨ଗୁରୁତର

**ମୁରିବାହାଲ, ୧୦।୬(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡା ପଞ୍ଚାୟତ ସଦର ଗାଁରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବବୁ ଝାଙ୍କର(୨୩)। ଗୁରୁତର ଆହତ ଜୁକ ଝାଙ୍କର(୫୦) ଓ ଲକ୍ଷ୍ମୀ ଝାଙ୍କର(୩୫)ଙ୍କୁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରାହ୍ନ ପ୍ରାୟ ୫.୩୦ରେ ଉପରୋକ୍ତ ତିନିହେଁ ଗାଁ ନିକଟ କ୍ଷେତକୁ ଟୋଲ(ମହୁଲ) ଗୋଟାଇବାକୁ ଯାଇଥିବା ବେଳେ ଘଡଘଡି ସହ ବର୍ଷା ଓ ଘଡଘଡି ହୋଇଥିଲା। ଫଳରେ ସେମାନେ ଆଶ୍ରୟ ନେବା ପାଇଁ ମହୁଲ ଗଛ ତଳକୁ ଚାଲି ଆସିଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ତିନି ଜଣ ଯାକ ଅଚେତ ହୋଇ ଗଛତଳେ ପଡି ଯାଇଥିଲେ। ବର୍ଷା ପରେ ସେହି ବାଟଦେଇ ଆସୁଥିବା ଗ୍ରାମର କେତେକ ଲୋକ ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଆହତମାନଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା। ଖବର ପାଇ ଇଛାପଡା ରାଜସ୍ୱ ନିରୀକ୍ଷକ କୋଶଲ ବେହେରା ଓ ମୁରିବାହାଲ ଥାନା ଆଇଆଇସି ଲୋକନାଥ ଭୋଇ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଯାଇଛି।

### ଶିବ ମନ୍ଦିରର ରତ୍ନମୁଦ ଉତ୍ସବ

**ଲାଠୋର, ୧୦।୬ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲାଠୋର ରଜାକଟାଠାରେ ଶିବ ମହାକାଳେଶ୍ୱର କମିଟି ଦ୍ୱାରା ନିର୍ମିତ ଶିବ ମନ୍ଦିରର ରତ୍ନୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାକର୍ତ୍ତା ଭାବେ ଗେଲାପୀ ମେହେର ଏବଂ ରାଧେଶ୍ୟାମ ମେହେର ଦାୟିତ୍ୱ ବହନ କରିଥିଲେ। ଉପସ୍ଥିତ ଗ୍ରାମବାସୀ ଧାନ, ଅଷ୍ଟଧାତୁ, ତମ୍ବା, ସୁନା, ରୂପା, ଟଙ୍କା ଇତ୍ୟାଦି ଭରିବା ପରେ କୁମ୍ଭ ବନ୍ଦ କରାଯାଇଥିଲା। କମିଟି ସଭାପତି ଡମ୍ବରୁଧର ସେଠ, ସମ୍ପାଦକ ଗୁରୁ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର

**ଗୁଡ଼ଭେଲା,୧୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାସ ଯୋଗଦେଇଥିଲେ। ସଂଗୃହୀତ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁଗୁଡିକ ଅଲଗା ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରିବାକୁ ସଫେଇ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏନଏସି ଇଓ ବିପିନ ବିହାରୀ ଦୀପ, ଯନ୍ତ୍ରୀ ସନ୍ତୋଷ ବେହେରା, ଜିଲା ସାନିଟେସନ ବିଶେଷଜ୍ଞ ସ୍ମିତିସ୍ୱାନୀ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ଉଦ୍ଦିଷ୍ଟ ନୀଳ ଓ ସବୁଜ ରଙ୍ଗର ଡଷ୍ଟବିନରେ ପକାଇ ସହରକୁ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହ ନାଳ ନର୍ଦ୍ଦମାକୁ ନିୟମିତ ବ୍ୟବଧାନରେ ସଫା କରିବା, ସମସ୍ତ ଦୋକାନୀଙ୍କୁ ଡଷ୍ଟବିନ ରଖିବା ପାଇଁ ପ୍ରବର୍ତ୍ତାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିବିରରେ ୬୫ଜଣ ସଫେଇ କର୍ମଚାରୀ, କାଉନସିଲର ଓ ଏନଏସିର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଦିନଦୟାଳ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋକରା ଚିନାବାଦାମ ବିହନ ବଣ୍ଟନ

- ନେବାକୁ ମନାକଲେ ଚାଷୀ
- ୨୦ ବଦଳରେ ଦିଆଯାଉଛି ୫କେଜି
- ବ୍ଲକ କୃଷି ବିଭାଗର ଅଜବ ନୀତି
- ଖରିଫରେ ରବି ବିହନ ବଣ୍ଟନ

**ଲୋଇସିଂହା, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ ନଅଗାଁ(ଖ) ଗ୍ରାମର ଚାଷୀଙ୍କୁ ପୋକରା ଚିନାବାଦାମ ବିହନ ବଣ୍ଟନ କରାଯାଇଛି । କୃଷି ବିଭାଗର ଏପରି କାର୍ଯ୍ୟକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ସୂଚନାମତେ, ଖରିଫ ଚାଷ ପରେ ରବିଚାଷ ପାଇଁ ସରକାର କୃଷି ବିଭାଗ ଜରିଆରେ ଚାଷୀଙ୍କୁ ଚିନାବାଦାମ, ମୁଗ (ସିଏମ କିଟ) ମାଗଣା ବଣ୍ଟନ କରିଥାନ୍ତି । କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ କିଟ୍ ଦେବା ନିୟମ ରହିଛି। ହେଲେ ଏଠାରେ ଆଗଲପୁର କୃଷି ବିଭାଗର ଅଜବ ନୀତି ଦେଖିବାକୁ ମିଳିଛି । ଏବେ ଖରିଫ ଚାଷ ସମୟ ଉପନୀତ ହୋଇଯାଇଛି। ଏହି ସମୟରେ ନଅଗାଁ(ଖ) ଗ୍ରାମର ଚାଷୀଙ୍କୁ ରବିଚାଷ ପାଇଁ ଆସିଥିବା ଚିନାବାଦାମ ବିହନ ଶନିବାର ବଣ୍ଟନ



ଚାଷୀମାନେ ପୋକରା ଚିନାବାଦାମ ବିହନ ଦେଖାଉଛନ୍ତି।

କରାଯାଇଛି । ତେବେ ଏହି ପୋକରା ବିହନ ନେବାକୁ ଚାଷୀମାନେ ନେବାକୁ ରୋକଠୋକ ମନା କରିଦେଇଛନ୍ତି। ହେଲେ ସ୍ଥାନୀୟ କୃଷକ ସାଥୀ ଚାଷୀଙ୍କ କଥା ଶୁଣିବାକୁ ନାରାଜ । ସରକାର ଯାହା ଦେଇଛନ୍ତି ତାହା ଆମେ ବାଣ୍ଟୁଛୁ କହି ବିହନ ନେବାକୁ ବାଧ୍ୟ କରୁଥିବା ପ୍ରେମାନନ୍ଦ ବିଶ୍ୱାଳ, ସୁଦାମ ବିଶ୍ୱାଳ, ଗୋପାଳ ବିଶ୍ୱାଳ, କେଶବ ପଧାନ, ଖଗ ବିଶ୍ୱାଳ, ଉତ୍ତମ ଦଣ୍ଡସେନା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଜଣେ ଚାଷୀଙ୍କୁ ୨୦ କେଜି ବିହନ ଦେବା ନିୟମ ଥିବା ବେଳେ ଏବେ ୪ ରୁ ୫ କେଜି ଦିଆଯାଉଛି । ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରୁ ନ ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ କୃଷକ ସାଥୀ ରାଜକିଶୋର ବିଶ୍ୱାଳଙ୍କୁ ପଚାରିବାରୁ ନିର୍ବାଚନ ଆଚରଣ ବିଧି ଲାଗିଥିବାରୁ ଚାଷୀଙ୍କୁ ବିହନ ପ୍ରଦାନ କରାଯାଇ ପାରି ନ ଥିଲା । ଏବେ ତାହା ଚାଷୀଙ୍କୁ ଭାଗବଣ୍ଟା କରି ଦିଆଯାଇଛି। ତେବେ ଗୋଟିଏ ପ୍ୟାକେଟରେ ପୋକରା ବିହନ ଥିବାକୁ ସେ ସ୍ୱୀକାର କରିଥିଲେ । ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ କହିଛନ୍ତି ଯେ, ଏବେ ଆମ ପାଖକୁ ବିହନ ଆସିନାହିଁ । ତାହା ରବି ସମୟର ବିହନ ହୋଇଥିବ । କଣ ପାଇଁ ବିହନ ଚାଷୀଙ୍କୁ ଏତେ ବିଳମ୍ବରେ ଦିଆଯାଇଛି ତାହା ବୁଝିଲା ପରେ ଯାଇ କହି ପାରିବି । ଜଣେ ଚାଷୀଙ୍କୁ ୨୦ କେଜି ବିହନ ଦେବା କଥା। ତେବେ କେଉଁ ପରିସ୍ଥିତିରେ ୪ରୁ ୫କେଜି ଦିଆ ଯାଇଛି ମୁଁ କହି ପାରିବି ନାହିଁ ବୋଲି ସେ କହିଛନ୍ତି।

### ପାନୀୟ ଜଳ, ବିଦ୍ୟୁତ ସମସ୍ୟାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗାଁରେ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରଶାସନ ପକ୍ଷରୁ ଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ୪ୱାର୍ଡ ବିଶିଷ୍ଟ ଫାସଡ ଗାଁର ଜନସଂଖ୍ୟା ପାଖାପାଖି ୨ ହଜାର । ସୁକତେଲ ନଦୀତଟରେ ଅବସ୍ଥିତ ଏହି ଗାଁକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ରହିଛି । ତେବେ ପାନୀୟ ଜଳ ପ୍ରକଳ୍ପର ପାଇପ କେତେକ ସ୍ଥାନରେ ଫାଟି ଯାଇଛି । ପ୍ରକଳ୍ପ ଦାୟିତ୍ୱରେ ଥିବା ବିଭାଗ ମରାମତି ଦିଗରେ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ନଳକୂପରୁ ପାଣି ବାହାରୁ ନାହିଁ। ଏଭଳି ସ୍ଥିତିରେ ଗ୍ରାମବାସୀ ୧କିମି ଦୂର ସୁକତେଲ ନଦୀକୁ ଯାଇ ପାଣି ସଂଗ୍ରହ କରି ଆଣୁଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

## ଛେଉଣ୍ଡ୍ ଛୁଆକେ ଉଧାର କଲା ଚାଇଲ୍ଡ ଲାଇନ୍

**ଲାଠୋର, ୧୦।୬ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ତଳିପଡ଼ାର ଗୁଟେ ଛେଉଁଡ୍ ଛୁଆର ବାବ୍ଦେ ଗଲା ୬ ତାରିଖ ଗୁରୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ "ଛେଉଁଡ ଛୁଆକେ ପୁଷିବାରେ ଅକ୍ଷମ ଦାଦନ ପରିବାର" ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଆର ଚାଇଲ୍ଡ ଲାଇନ୍ ବଲାଙ୍ଗୀରର ମିଳିତ ଉଦିଅମ୍‌ରେ ଛୁଆଟାକେ ଥଇଥାନ ଲାଗି ଉଧାର କରାଯାଇଥିବାର ଜନାଯାଇଛେ।



ଜିଲା ଶିଶୁ ସୁରକ୍ଷା ୟୁନିଟ ଆର ଚାଇଲ୍ଡ ଲାଇନ୍‌ର ମିଳିତ ଉଦିଅମ୍‌ରେ ଛୁଆକେ ଉଧାର କରି ଥଇଥାନ ଲାଗି ନିଆଯାଉଛେ।

**ଧରିତ୍ରୀ ପ୍ରଭାବ**

ପୂରବର ସୂଚନା ହିସାବେ ଗଲା ୨୮.୯.୨୦୧୮ରେ ଲାଠୋର ତଳିପଡ଼ାର ଜଗିନ ବରିହା ମଦ୍ ପାଏନ୍ ପିଇ ନିଜର ୫ ବଛରିଆ ଛୁଆର ଟଁଟି ଚିପି ମାରବାର ଚେଷ୍ଟା କରୁଥିଲେ। ଘଟନା ବାବ୍ଦେ ପଡ଼ିଶା ଲୋକ୍‌ମାନେ ଜାନିପାରି ଛୁଆକେ ଉଧାର କରିଥିଲେ। ହେଲେ ଜଗିନ ନିଜର ମାଏକିନା ଆଶାକେ ବାଡ଼ିରେ ପିଟିପିଟି ମାରିଦେଇ ଜେଲ ଯାଇଥିଲେ। ଏନ୍‌ତାଥି ଛୁଆଟା ଛେଉଁଡ଼ ପାଲଟିଯାଇଥିଲା। ଶେଷେ ଛୁଆକେ ତାର ମାମୁ ନନ୍ଦରାମ ବରିହା ଆନି ପାଲପୋଷ କରୁଥିଲେ। ହେଲେ ନନ୍ଦରାମ ବି ନିହାତି ଗରିବ ହେଇଥିଲାବେଲେ ସେ ଦାଦନ୍ ଖଟି ନିଜର ପରିବାର ଚଲଉଛନ୍। ଏନ୍‌ତାଥି ଛୁଆକେ ପାଲପୋଷ କରି ବଢ଼ାବାରେ ତାହାକୁ ବହୁତ ଭିଡ଼ ହେଇଥିଲା। ସେ ଛୁଆର ଭବିଷତ୍ ଚିନ୍ତା କରି କେହେନ୍‌ସି ଆଶ୍ରମରେ ଛାଡ଼ି ଦେବାର ନିଷ୍ପତି ନେଇଥିଲେ। ନନ୍ଦରାମ ଥାନୀୟ ଧରିତ୍ରୀ ପରତିନିଧିଙ୍କର ସଂଗେ ଯୋଗାଯୋଗ କରି ଦୁଖ୍ ବଖାନିଥିଲେ। ନନ୍ଦରାମଙ୍କର କଥାକେ ନେଇ ଧରିତ୍ରୀରେ ଖବର ବାହାରିଥିଲା। ଖବରକେ ଆଧାର କରି ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀରରୁ ଅରୁଣ ଖୁଆସ ଆର ଚାଇଲ୍ଡ ଲାଇନ୍‌ର ସ୍ୱେଚ୍ଛାସେବୀ ମଧୁମିତା ସ୍ୱାଇଁ ଆସି ଲାଠୋରରେ ପୁହୁଁଚିଥିଲେ। ସେମାନେ ଛୁଆକେ ଉଧାର କରି ବଲାଙ୍ଗୀର ଶିଶୁ ମଙ୍ଗଳ କମିଟିକେ ନେଇ ହାଜର କରି ସେଠାନୁ କେହେନ୍‌ସି ଆଶ୍ରମକେ ପଠାବାର ବେବସ୍ତା କରାଯିବା ବଲି ଗୁଟେ ଚୁକ୍ତି ପତରରେ ପଡ଼ାବାସୀକର ଦସ୍‌ଖତ ନେଇଥିବାର ଜନାଯାଇଛେ।

### ତୁଷୁରା ଚିକିତ୍ସାଳୟ ଅପଗ୍ରେଡ ଦାବି ପୂରଣରେ ବିଳମ୍ବ

**ଗୁଡ଼ଭେଲା,୧୦।୬(ଡ଼ି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଲୋକେ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଦାବି କେବେ ହେବ ସେ ନେଇ ଲୋକଙ୍କ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ଏହି ଚିକିତ୍ସାଳୟ ଉପରେ ସୀମାନ୍ତ ବୌଦ୍ଧ, କଳାହାଣ୍ଡି, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ବହୁ ଗ୍ରାମର ଲୋକେ ନିର୍ଭର କରିଥାନ୍ତି । ତୁଷୁରା ଏନଏସି ହେବା ଇତିମଧ୍ୟରେ ଚାରି ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଥିବା ୯୬ ବର୍ଷର ପୁରୁଣା ଚିକିତ୍ସାଳୟର ଉନ୍ନତି ହୋଇ ପାରିନାହିଁ । ଏପରିକି ଏହି ଚିକିତ୍ସାଳୟରେ ଗୋଟିଏ ମାତ୍ର ଏମବିବିଏସ ପଦବୀ ରହିଛି । ଏଣୁ ଚିକିତ୍ସା ପାଇଁ ଅଞ୍ଚଳବାସୀ ବାହାରକୁ ଯିବାକୁ ପଡୁଛି । ଏଣୁ ଅବିଳମ୍ବେ ଏହି ଚିକିତ୍ସାଳୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ସହ ଅପ୍‌ଗ୍ରେଡ କରିବାକୁ ସାଧାରଣରେ ଦାବି ହେଉଛି।

## ବିଧାୟକଙ୍କ ଗିରଫ ଦାବି କଲା ଆଦିବାସୀ ସଂଘ

**ଖପ୍ରାଖୋଲ, ୧୦।୬(ଡି.ଏନ.ଏ.)**

ଆଦିବାସୀ କଲ୍ୟାଣ ସଂଘ ଖପ୍ରାଖୋଲ ବ୍ଲକ ଶାଖା ତରଫରୁ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଗିରଫ ଦାବିରେ ସୋମବାର ଖପ୍ରାଖୋଲ ଥାନାରେ ଅଭିଯୋଗ କରାଯାଇଛି। ଗତ ୫ ତାରିଖ ବେଲପଡା ବ୍ଲକ ଗମ୍ଭାରୀଠାରେ ଏକ ରାସ୍ତା କାମ ନିମ୍ନମାନର ଅଭିଯୋଗ ହୋଇଥିବା ବେଳେ ବିଧାୟକ ସରୋଜ ମେହେର କାର୍ଯ୍ୟ ରତ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ପାଞ୍ଚ ମିନିଟ ମଧ୍ୟରେ ଶହେଥର ଉଠବର ପାଇଁ ଆଦେଶ ଦେଉଥିବା ଏକ ଭିଡିଓ ଭାଇରାଲ ହୋଇଥିଲା । ବିଧାୟକ ପରବର୍ତ୍ତୀ ମୁହୂର୍ତ୍ତରେ ଭୁଲ୍ ହୋଇଥିବା ନେଇ ଗଣମାଧ୍ୟମରେ ଦୁଃଖପ୍ରକାଶ କରିଥିଲେ । ଏହା ପରେ ମଧ୍ୟ ଅସନ୍ତୋଷ ଥମିବାର ନାଁ ନେଉ ନ ଥିବା ବେଳେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ବିଧାୟକ ଗିରଫ ଦାବି ସହିତ ୫ଦଫା ଦାବି ନେଇ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦାବିଗୁଡିକ ମଧ୍ୟରେ ଏସ.ଟି, ଏସସି



ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିର୍ଯାତନା ନିବାରଣ ଆଇନ ମୁତାବକ ବିଧାୟକ ମେହେରଙ୍କୁ ଗିରଫ କରାଯିବା, ନିର୍ଯାତିତ ସହକାରୀ ଯନ୍ତ୍ରୀ ଶବରଙ୍କ ପରିବାରକୁ ସୁରକ୍ଷା ପ୍ରଦାନ, ଘଟଣା ସମୟରେ ବିଧାୟକଙ୍କୁ ଉସକାଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଆଟ୍ରୋସିଟି ଆଇନରେ ଗିରଫ କରିବା, ବିଧାୟକଙ୍କ ନିର୍ଦ୍ଦେଶରେ ଚାପୁଡା ମାରିଥିବା ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ରଙ୍କୁ ଆଟ୍ରୋସିଟି ଆଇନରେ ଗିରଫ କରିବା। ଖପ୍ରାଖୋଲ ଶାଖା ସଂଘ ସଭାପତି ବିପ୍ର ବିଶିଙ୍କ ନେତୃତ୍ୱରେ ସମ୍ପାଦକ ନାରାୟଣ କିଶାନ, ଟିକେଶ୍ୱର ଧରୁଆ, ରଘୁନାଥ ସିଂ ବରିହା, ଗୁପ୍ତେଶ୍ୱର କୁଅଁର ପ୍ରମୁଖ ସଂଘ କର୍ମକର୍ତ୍ତା ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରିଥିଲେ।





ତରଭା ଶୀତଳ ଷଷ୍ଠୀ ଉତ୍ସବର ଉଦ୍‌ଯାପନୀ ଦିବସରେ ପାତ୍ରମନ୍ତ୍ରୀଙ୍କ ସହ ତାଡ଼କାସୁର।

## ସରିଲା ତରଭା ଶୀତଳଷଷ୍ଠୀ ଯାତ୍ରା

**ତରଭା, ୧୦।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଶୀତଳ ଷଷ୍ଠୀ ଉତ୍ସବ ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ସହ ରବିବାର ବିଳମ୍ବିତ ରାତିରେ ସମ୍ପନ୍ନ ହୋଇଯାଇଛି । ବିବାହ ପରେ ନଗର ପରିକ୍ରମା କରି ଦେବ ଦମ୍ପତ୍ତି ମନ୍ଦିର ଅଭିମୁଖେ ଆସୁଥିବା ବେଳେ ଯୁଗଳ ରୂପକୁ ଦର୍ଶନ କରିବା ପାଇଁ ସହରର ମୁଖ୍ୟ ରାସ୍ତାର ଉଭୟ ପାର୍ଶ୍ୱରେ ହଜାର ହଜାର ଦର୍ଶକଙ୍କ ସମାଗମ ହୋଇଥିଲା । କନ୍ୟା ପକ୍ଷରୁ ପିତାମାତା ଭାବରେ ଅମିତ ଅଗ୍ରୱାଲା ଓ ତାଙ୍କ ସ୍ତ୍ରୀ ପୁନମ ଅଗ୍ରୱାଲା ଦାୟିତ୍ୱ ତୁଲାଇଥିଲେ । ଶୀତଳ ଷଷ୍ଠୀ ଉତ୍ସବରେ ଆୟୋଜକ କମିଟି ସଭାପତି ସନ୍ତୋଷ ସାହୁ, ସମ୍ପାଦକ ସନସିତ ସାହୁ, ପୂଜକ ଦନାର୍ଦ୍ଦନ ଥନାପତି, ଗୋବର୍ଦ୍ଧନ ଥନାପତି, କୃଳମଣୀ ଥନାପତି, ଆଭାସ ଥନାପତିଙ୍କ ସହ ଶୀତଳ ଷଷ୍ଠୀ କମିଟିର ସଦସ୍ୟ ଓ ତରଭା ଜନସାଧାରଣ ସହଯୋଗ କରିଥିଲେ । ଗତ ୫ ତାରିଖଠାରୁ ଶୀତଳ ଷଷ୍ଠୀ ଉପଲକ୍ଷେ ମନ୍ଦିର ସମ୍ମୁଖରେ ପ୍ରତ୍ୟହ ସନ୍ଧ୍ୟାରେ ତାରକାସୁର ରାକ୍ଷସ ରାଜ ଦୃଶ୍ୟାଭିନୟ ହେଇଥିଲା । ଏଥିରେ ପଶ୍ଚିମ ଓଡିଶା ସୁନାମଧନ୍ୟ କଳାକାର ସୁଶୀଲ କୁମାର ମେହେର ଓ ସାଥି କଳା ପରିବେଷଣ କରିଥିଲେ । ରବିବାର ତାରକାସୁର ବଧ ସହ ତରଭା ଶୀତଳ ଷଷ୍ଠୀ ମହୋତ୍ସବ ଉଦଯାପିତ ହୋଇଥିଲା ।

## ରାସ୍ତା ନିର୍ମାଣରେ କଂକ୍ରିଟ ବଦଳରେ ବାଲିବସ୍ତା, ପ୍ରଶାସନ ଭାଙ୍ଗିଲା

**ତରଭା, ୧୦।୬(ଡି.ଏନ.ଏ.)**

ସୁବର୍ଣ୍ଣପୁର ଜିଲା ତରଭା ଖାରୀରୁ କୁମୁଣ୍ଡେ ପ୍ରାୟ ୧୦ କି.ମି ରାସ୍ତା ପୂର୍ତ୍ତ ବିଭାଗ ତରଫରୁ ନିର୍ମାଣ ଚାଲିଛି। ଏହି ରାସ୍ତାର ନିର୍ମାଣ ଦାୟିତ୍ୱ କେ.ଏଲ.ଇନଫ୍ରା ବିଲଡର ପ୍ରାଇଭେଟ ଲିମିଟେଡ ନାମକ ଏକ ସଂସ୍ଥାକୁ ଦିଆଯାଇଛି । ଏହି ରାସ୍ତାରେ ନିର୍ମାଣ କରାଯାଉଥିବା ଏକ କଲଭର୍ଟ ସିମେଣ୍ଟ କଂକ୍ରିଟରେ ତିଆରି କରାଯିବା କଥା। ହେଲେ ହେଡୱାଲ ଭିତରେ ବାଲିବସ୍ତା ଭର୍ତ୍ତି କରି ତା ଉପରେ ସିମେଣ୍ଟ ପଲସ୍ତରା କରାଯାଇଥିଲା। ଏହି ରାସ୍ତା ନିର୍ମାଣ ନିୟମ ଠିକ ହିସାବରେ ପାଳନ କରାଯାଉ ନ ଥିବା ଗ୍ରାମବାସୀମାନେ ଅଭିଯୋଗ କରିଥିଲେ। ଏ ସମ୍ପର୍କରେ ବିଭାଗୀୟ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ପରେ ତଦନ୍ତ କରାଯାଇ ଉକ୍ତ କଲଭର୍ଟର ହେଡୱାଲକୁ ପ୍ରଶାସନ ତରଫରୁ ଭାଙ୍ଗି ଦିଆଯାଇଛି । ବିଧିବଦ୍ଧ ଭାବରେ ସମସ୍ତ ନିୟମ ଅନୁଯାଇ କାମ କରିବା ପାଇଁ ଠିକାଦାରଙ୍କୁ ବିଭାଗୀୟ ତରଫରୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ଜେଇ ଭକ୍ତବନ୍ଧୁ ପଟ୍ଟନାୟକ ପ୍ରକାଶ କରିଥିଲେ।

କାଳିଆ ଯୋଜନା ଟଙ୍କା ମିଳୁନି

# କୃଷି କାର୍ଯ୍ୟାଳୟ ଘେରିଲେ ଚାଷୀ

**ତରଭା, ୧୦।୬(ଡି.ଏନ.ଏ.)**

ନିର୍ବାଚନ ପରେ ସରକାର ଚାଷୀଙ୍କ ଜମା ଖାତାରେ କାଳିଆ ଟଙ୍କା ଜମା କରାଯିବ ବୋଲି ଘୋଷଣା କରିଥିଲେ। ହେଲେ ବର୍ତ୍ତମାନ ପର୍ଯ୍ୟନ୍ତ କେତେକଙ୍କୁ କାଳିଆ ଟଙ୍କା ମିଳିଥିବା ବେଳେ ବହୁତ ଚାଷୀ ସହାୟତା ରାଶି ପାଇବାରୁ ବଞ୍ଚିତ ରହିଛନ୍ତି। ସୋମବାର ତରଭା ବ୍ଲକ ଅନ୍ତର୍ଗତ ଡୁଲୁଣ୍ଡା ପଞ୍ଚାୟତର ଚାଷୀମାନେ କାଳିଆ ଟଙ୍କା ତାଙ୍କ ଜମାଖାତାରେ ପଡୁ ନ ଥିବା ଅଭିଯୋଗ ନେଇ ଜିଲା କୃଷି କାର୍ଯ୍ୟାଳୟ ଘେରାଉ କରି ଅଧିକାରୀ ପ୍ରଶାନ୍ତ କୁମାର ଶତପଥୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି । ଜିଲାପାଳଙ୍କ ଉଦ୍ଦେଶ୍ୟରେ ପ୍ରଦତ୍ତ ଦାବିପତ୍ରରେ ସେମାନେ ଉଲ୍ଲେଖ କରିଛନ୍ତି ଯେ, କାଳିଆ ଯୋଜନାରେ ନାମ ଥାଇ ମଧ୍ୟ ପଇସା ପାଉନାହୁଁ। ତତ୍‌ସହିତ କିଛି ଯୋଗ୍ୟ ହିତାଧିକାରୀ ଏହି ଯୋଜନାରେ ତାଲିକଭୁକ୍ତ ହୋଇପାରି ନାହାନ୍ତି । ପୁନଶ୍ଚ ଯୋଜନାବଦ୍ଧ ଭାବେ ଲୋକଙ୍କୁ ହଇରାଣ କରୁଥିବା ସରକାରୀ ଅଧିକାରୀ ଏବଂ ବ୍ୟକ୍ତିବିଶେଷଙ୍କ ବିରୋଧରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନେବାକୁ ସେମାନେ ଦାବି କରିଥିଲେ । କୃଷି କାର୍ଯ୍ୟାଳୟ ଘେରାଉ ଖବର ପ୍ରଚାରିତ ହେବା ପରେ ସୋନପୁର ଜିଲା ଭାରପ୍ରାପ୍ତ କୃଷି ଅଧିକାରୀ ଅପରାହ୍ନ ପ୍ରାୟ ୧ଟାରେ ତରଭା କାର୍ଯ୍ୟାଳୟରେ ପହଞ୍ଚି ଉପସ୍ଥିତ ଚାଷୀମାନଙ୍କୁ ବୁଝାସୁଝା କରିଥିଲେ । ସରକାରଙ୍କ ନିର୍ଦ୍ଦେଶ ଅନୁଯାଇ ସେହି ସମୟରେ ଡୁଲୁଣ୍ଡା ଗ୍ରାମ ପଞ୍ଚାୟତର ଚାଷୀମାନଙ୍କୁ କାଳିଆ ଯୋଜନାରେ ସାମିଲ କରିବା ପାଇଁ



ଚାଷୀମାନେ କୃଷି ଅଧିକାରୀଙ୍କ ନିକଟରେ ଫେରାଦ ହେଉଛନ୍ତି।

ନୋଡାଲ ଅଫିସର ଭାବେ ମୃତ୍ତିକା ସଂରକ୍ଷଣ ବିଭାଗର ଗୌରୀ ଶଙ୍କର ମିଶ୍ରଙ୍କୁ ଦାୟିତ୍ୱ ଦିଆଯାଇଥିଲା । ସେ ତାଙ୍କର ଦାୟିତ୍ୱ ଠିକ ଭାବରେ ନିର୍ବାହ କରିଛନ୍ତି କି ନାହିଁ ସେ ଆସିଲେ ଯାଇ ଜଣା ପଡିବ। ସେ ଆମ ବିଭାଗୀୟ କର୍ମଚାରୀ ହୋଇ ନ ଥିବା ଯୋଗୁ ତାଙ୍କ ବିରୋଧରେ କୌଣସି ପଦକ୍ଷେପ ନେଇ ପାରୁନାହୁଁ। ତେବେ ଏନେଇ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରାଯିବ ବୋଲି ଜିଲା କୃଷି ଅଧିକାରୀ ଶତପଥୀ ପ୍ରକାଶ କରିଥିଲେ । ଘେରାଉରେ ମୁରାରୀ ମିଶ୍ର, ସରଗଜ ସମିତି ସଭ୍ୟ ମିତ୍ରବ୍ରତ ମିଶ୍ର, ଡୁଲୁଣ୍ଡା ସରପଞ୍ଚ ଦୟାନିଧି ସୁନା, ତୀର୍ଥ ରଣା, ଭୁମି ବାଘ, ବେଦବ୍ୟାସ ବାଗ, ଅନୁଶୟା ପ୍ରଧାନ, କୁମାରୀ ସାହୁ, ସୁମେଧା ସାହଙ୍କ ସମେତ ଶତାଧିକ ଚାଷୀ ସାମିଲ ଥିଲେ।

ଧରିତ୍ରୀ
DHARITRI
ସମ୍ବଲପୁର, ମଙ୍ଗଳବାର, ୧୧ ଜୁନ, ୨୦୧୯



❝ ଆମ ଜୀବନର ବଡ଼ ଅଭାବ ହେଲା, ଆମେ ଯେଉଁ କାମ କରିପାରିବୁ, ଆମ ପାଇଁ ସେ କାମ ଅନ୍ୟ କେହି କରିଦେଉ, ସେଥିନିମନ୍ତେ ଆମେ ଅପେକ୍ଷା କରୁ।
- ଆର.ଡବ୍ଲ୍ୟୁ. ଇମରସନ



## ସଂକ୍ଷେପରେ



### ଅମୃତଧାରା ଉଦ୍‌ଘାଟିତ

**କର୍ଲାମୁଣ୍ଡା,୧୦।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ ରିଞ୍ଜା ପଞ୍ଚାୟତ କାର୍ଯ୍ୟାଳୟଠାରେ ପଞ୍ଚାୟତ ପକ୍ଷରୁ ନବ ନିର୍ମିତ ଅମୃତଧାରାକୁ ବିଧାୟକ ଭୂପିନ୍ଦର ସିଂଙ୍କ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ପଞ୍ଚାୟତ ପକ୍ଷରୁ ହୋଇଥିବା ଏହି ମହତ କାର୍ଯ୍ୟକୁ ବିଧାୟକ ପ୍ରଂଶସା କରିଥିଲେ। ଏଥିରେ ସ୍ଥାନୀୟ ସରପଞ୍ଚ ଭୋଜବନ୍ତି ସାହୁ, ସମିତି ସଭ୍ୟା ଶୁଭଦ୍ରା ମାଝି, କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦୀପ କୁମାର ସାହୁଙ୍କ ସମେତ ସମସ୍ତ ୱାର୍ଡମେମ୍ବର ଓ ଗ୍ରାମବାସୀ ଉପସ୍ଥିତ ଥିଲେ।

### ବଢୁଛି ମାଟି ମାଠିଆର ଚାହିଦା

**ରିଷିଡ଼ା,୧୦।୬ (ଡି.ଏନ.ଏ.)-** କଳାହାଣ୍ଡି ଜିଲା ରିଷିଡା ଅଞ୍ଚଳରେ ଖରା ଦିନରେ ଲୋକେ ମାଟି ତିଆରି ମାଠିଆକୁ ଖୋଜନ୍ତି । ମାଠିଆରେ ପାଣି ରଖି ସୁଶିତଳ ପାଣି ପିଇବା ପାଇଁ ଲୋକଙ୍କ ଆଗ୍ରହ ବଢୁଥିବା ବେଳେ ବିଭିନ୍ନ ହାଟ ବଜାରରେ ମାଟି ହାଣ୍ଡି ମାଠିଆ ଉପଲବ୍ଧ ହେଉ ନ ଥିବା ଯୋଗୁ ମାଟି ମାଠିଆର ପାଣି ପାଇପାରୁ ନାହାନ୍ତି । କର୍ଲାମୁଣ୍ଡା ବ୍ଲକ ବୁଢ଼ୀପଦର ଓ ବଲାଙ୍ଗୀର ଜିଲା ତାଣ୍ଡିଗାଁର କେତେକ କାରିଗର ଏହି ମାଠିଆ ତିଆରି କରନ୍ତି । ହେଲେ କାଳବୈଶାଖୀ ବର୍ଷା ଯୋଗୁ ଠିକ ଭାବେ ମାଟି ମାଠିଆ ଶୁଖି ପାରୁ ନ ଥିବାରୁ ଏହା ଉପଲବ୍ଧ ହେଉ ନ ଥିବା କାରିଗରମାନେ କହୁଛନ୍ତି । ବିଶେଷତଃ ଗ୍ରାମାଞ୍ଚଳରେ ମାଠିଆର ବ୍ୟବହାର ଅଧିକ ରହୁଛି । ପ୍ରତିକୂଳ ପାଗ ସତ୍ତ୍ୱେ ମାଠିଆ ତିଆରି ଜାରି ରହିଛି ବୋଲି କରିଗର କହୁଛନ୍ତି ।

## କାଶିବାହାଲ, ଖୁଣ୍ଟିଆ ମଣ୍ଡି

# ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ଧାନକିଣା

**କୋକସରା,୧୦।୬ (ଡି.ଏନ.ଏ.)**



କାଶିବାହାଲ ମଣ୍ଡିରେ ଧାନ କିଣାବେଳେ ଉପସ୍ଥିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟା ।

**କୋକସରା ବ୍ଲକ**
- ୧୫ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟ

ମିଶନ ଶକ୍ତି ଜରିଆରେ ମହିଳାମାନଙ୍କୁ ସ୍ୱାବଲମ୍ବି ଓ ସଶକ୍ତିକରଣ କରିବା ପାଇଁ ରାଜ୍ୟ ସରକାର ଚଳିତବର୍ଷରୁ ଅନେକ ଯୋଜନା ହାତକୁ ନେଇଥିବା ବେଳେ ଖାଦ୍ୟ ଯୋଗାଣ ବିଭାଗ ଦ୍ୱାରା ଧାନ ମଣ୍ଡି ପରିଚାଳନାରେ ମହିଳା ଗୋଷ୍ଠିକୁ ଦାୟିତ୍ୱ ଦେଇଛନ୍ତି। ଚଳିତବର୍ଷଠାରୁ କଳାହାଣ୍ଡି ଜିଲା ପ୍ରଶାନ ଜିଲାରେ ରବି ଋତୁରେ ଅମଳ ହେଉଥିବା ଧାନ କ୍ରୟ କରିବା ପାଇଁ ୧୮ଟି ସ୍ୱଂୟ ସହାୟକ ଗୋଷ୍ଠିକୁ ଦାୟିତ୍ୱ ଦେଇଥିବାବେଳେ କୋକସରା ବ୍ଲକ୍ କାଶିବାହାଲ ଓ ଖୁଣ୍ଟିଆ ପଞ୍ଚାୟତ ଧାନ ମଣ୍ଡିରେ ସୋମବାରଠାରୁ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ଧାନ କ୍ରୟ ଆରମ୍ଭ କରୁଛନ୍ତି। କାଶିବାହାଲ ମଣ୍ଡିରେ ମା' ମଙ୍ଗଳା ଦେବି ସ୍ୱଂୟ ସହାୟକ ଗୋଷ୍ଠି ଦ୍ୱାରା ଧାନ କ୍ରୟ ପାଇଁ ଅନୁବନ୍ଧିତ ହୋଇଥିବାବେଳେ ଚଳିତବର୍ଷ ଏହି ମଣ୍ଡିରେ ୧୫ ହଜାର କୁଇଣ୍ଟାଲ ଧାନ କ୍ରୟ କରିବା ଲକ୍ଷ୍ୟ ରହିଛି । ଗତ ୪ରୁ ୯ ତାରଖ ୫ ଦିନ ମଧ୍ୟରେ ୮୯ ଜଣ ଚାଷୀଙ୍କଠାରୁ ୪୬୦୩ କୁଇଣ୍ଟାଲ ଧାନ କ୍ରୟ କରିଥିବା ଜଣାପଡ଼ିଛି । ପ୍ରତିଦିନ ସକାଳୁ ମହିଳାମାନେ ମଣ୍ଡିରେ ପହଞ୍ଚି ଟୋକନ ପାଇଥିବା ଚାଷୀମାନଙ୍କ ଧାନ ପରଖି ଓ ଆରଏମସି କର୍ମଚାରୀଙ୍କ ରିପୋର୍ଟ ଅନୁସାରେ ଧାନ କ୍ରୟ କରି ମିଲର୍ସଙ୍କୁ ଦେଉଥିବାବେଳେ ଚାଷୀମାନଙ୍କୁ ଶୁଖା ଓ ସଫା ଧାନ ଆଣିବାକୁ ପରାମର୍ଶ ମଧ୍ୟ ଦେଉଛନ୍ତି । ଯାହାକୁ ନେଇ ଚାଷୀମାନେ ମଧ୍ୟ ଖୁସିଥିବା ଜଣାପଡ଼ୁଛି । ଚାଷୀମାନଙ୍କ କହିବା ଅନୁସାରେ ପୂର୍ବରୁ ସମବାୟ ସମିତି ଦ୍ୱାରା ଧାନ କ୍ରୟ ସମୟରେ ସମବାୟ କର୍ମଚାରୀମାନେ ବିଭିନ୍ନ ଆଳ ଦେଖାଇ ଧାନ ନେବାକୁ ଅମଙ୍ଗ ହେବା ସହ କଟନି ଛଟନି କରି ଚାଷୀଙ୍କୁ ଚାପ ପ୍ରୟୋଗ କରୁଥିଲେ। ହେଲେ ଏବେ ମହିଳା ଗୋଷ୍ଠୀମାନେ ଧାନ କ୍ରୟ କରିବା ଫଳରେ ଚାଷୀଙ୍କୁ ଆଉ ହଇରାଣ ହେବାକୁ ପଡୁନାହିଁ । ଚାଷୀ ଟୋକନ ମୁତାବକ ମଣ୍ଡିକୁ ଧାନ ଆଣୁଛି ଓ ସେହି ଦିନ ଧାନ କ୍ରୟ କରି ସେହି ଦିନ ହିଁ ଚାଷୀ ଘରକୁ ଫେରୁଛନ୍ତି । ପୂର୍ବରୁ ଧାନ ବିକ୍ରି କରିବା ପାଇଁ ରାତିରେ ଚାଷୀଙ୍କୁ ମଣ୍ଡିରେ ଧାନ ଜଗିବାକୁ ପଡୁଥିଲା ବୋଲି କାଶିବାହାଲ ମଣ୍ଡିକୁ ଧାନ ଆଣିଥିବା ଚାଷୀ ଦେବେନ୍ଦ୍ର ବେହେରା, ଯୁଧିଷ୍ଠିର ପୋଡ଼, ରବି ଚନ୍ଦ୍ର ଚଣ୍ଡି , ଦାସରଥି ବେହେରା, ଗଙ୍ଗାନନ୍ଦ ଠାକୁର, ଗୋପବନ୍ଧୁ ବେହେରା, ଦସବିର ଠାକୁର, ବିକ୍ରମ ନାଏକ ପ୍ରମୁଖ କହିଛନ୍ତି । ମା' ମଙ୍ଗଳା ଦେବି ସ୍ୱଂୟ ସହାୟକ ଗୋଷ୍ଠୀ ସଭାନେତ୍ରୀ ପ୍ରେମଶିଳା ମାଝି ଓ ସମ୍ପାଦିକା ଶିଳ ନାଏକଙ୍କ ସମେତ ଅନ୍ୟାନ୍ୟ ମହିଳାମାନେ ଉପସ୍ଥିତ ରହି ମଣ୍ଡି ପରିଚାଳନାରେ ସହଯୋଗ କରୁଛନ୍ତି ।

## ଜିଲା ମଧ୍ୟସ୍ଥତା କେନ୍ଦ୍ରରେ ପ୍ରି-ଲିଟିଗେସନ୍ ଡେସ୍କ/କ୍ଲିନିକ୍ ଉଦ୍‌ଘାଟନ

**ଭବାନୀପାଟଣା,୧୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ମଧ୍ୟସ୍ଥତା କେନ୍ଦ୍ର ପରିସରରେ ଏକ ପ୍ରି-ଲିଟିକେସନ୍ ଡେସ୍କ/କ୍ଲିନିକ୍ ଉଦ୍‌ଘାଟିତ ହୋଇଯାଇଛି। ଏହି ପ୍ରି-ଲିଟିଗେସନ୍ ଡେସ୍କ/କ୍ଲିନିକ୍‌ରେ ମୁଖ୍ୟତଃ ବିବାଦୀୟ ବିବାହ ଜନିତ କେସ୍‌ର ମଧ୍ୟସ୍ଥିତା ଦ୍ୱାରା ସମାଧାନ କରାଯାଇପାରିବ। ଏଥିପାଇଁ କୌଣସି କୋର୍ଟରେ ମକଦମା ରୁଜୁ କରିବାକୁ ଦରକାର ପଡିବନାହିଁ। ଜନସାଧାରଣ ଯେକୌଣସି ବିବାହ ଜନିତ କେସ୍ କିମ୍ବା ଦେୱାନୀ ମକଦମା ଆଦି ହେବା ପୂର୍ବରୁ ଯଦି ଦୁଇ ପକ୍ଷ ଏହା ଆପୋଷ ବୁଝାମଣା କରିବାକୁ ଚାହାନ୍ତି ତେବେ ସେମାନେ ଏହି ପ୍ରି-ଲିଟିଗେସନ୍ ଡେସ୍କ / କ୍ଲିନିକ୍‌କୁ ଆସି ନିଜର ଆପତ୍ତି ଅଭିଯୋଗ ଫର୍ମ ନଂ. ଏ ରେ ପୂରଣ କରି ଆବେଦନ କରିପାରିବେ। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜିଲା ଓ ଦୌରା ଜଜ୍ ଶିଶିର କୁମାର ରଥ ଉଦ୍‌ଘାଟନ କରିଥିବା ବେଳେ ଅନ୍ୟମାନଙ୍କ ମଧ୍ୟରେ ଫେମିଲି ଜଜ୍ ସୁଶାନ୍ତ କୁମାର ପଟେଲ, ଅତିରିକ୍ତ ଜିଲା ଦୌରାଜଜ୍ ରଶ୍ମିତା ଦଲେଇ, ସିଜିଏମ୍ ରଞ୍ଜନ କୁମାର ସୁତା, ଆଇନଶେବା ସଚିବ ଇନ୍ଦିରା ପ୍ରିୟଦର୍ଶନୀ, ଜେଏମ୍‌ଏଫ୍‌ସି ମୋନାଲିସା ଦାସ ସମେତ କଳାହାଣ୍ଡି ଓକିଲ ସଂଘର ସଭାପତି, ସମ୍ପାଦକ, ବରିଷ୍ଠ ଆଇନଜୀବୀ ଓ କର୍ମଚାରୀ ପ୍ରମୁଖ ଯୋଗଦେଇଥିଲେ।

## ୮ ଲକ୍ଷ ୧୪ ହଜାର ୪୫୧ କୁଇଣ୍ଟାଲ ଧାନ ସଂଗ୍ରହ ହେଲାଣି

**ଭବାନୀପାଟଣା,୧୦।୬ (ଡି.ଏନ.ଏ.)**

ଚଳିତ ରବି ଋତୁରେ କଳାହାଣ୍ଡି ଜିଲାରେ ଧାର୍ଯ୍ୟ ତାରିଖରୁ ୧୦ ଦିନ ବିଳମ୍ବରେ ମଣ୍ଡି ଖୋଲାଯାଇ ଧାନ କିଣା ଆରମ୍ଭ ହୋଇଛି। ଜିଲା ଯୋଗାଣ ଅଧିକାରୀ କାର୍ଯ୍ୟାଳୟ ସୂତ୍ରରୁ ମିଳିଥିବା ଖବର ଅନୁଯାୟୀ, ରବିବାର ସୁଦ୍ଧା ୮ ଲକ୍ଷ ୧୪ ହଜାର ୪୫୧ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ସଂଗୃହୀତ ଧାନର ମୂଲ୍ୟ ୧୩୨ କୋଟି ୮୬ ଲକ୍ଷ ହୋଇଥିବା ବେଳେ ରବିବାର ସୁଦ୍ଧା ଧାନ ବିକ୍ରି କରିଥିବା ଚାଷୀଙ୍କ ଆକାଉଣ୍ଟରେ ୭୮ କୋଟି ୩୫ ଲକ୍ଷ ୬ ହଜାର ଟଙ୍କା ଜମା ହୋଇଛି। ଚାଷୀଙ୍କ ଖାତାରେ ଆହୁରି ୫୪ କୋଟି ୫୧ ଲକ୍ଷ ୨୪ ହଜାର ଟଙ୍କା ପୈଠ କରିବାର ବାକି ଅଛି। ରବିବାର ସୁଦ୍ଧା ଜିଲାରେ ୮୨ଟି ମଣ୍ଡି ଖୋଲା ରହିଛି। ୫୯ଟି ପ୍ରାଥମିକ କୃଷି ସେବା ସମବାୟ ସମିତି ଜରିଆରେ ଜିଲାରେ ୮୨ଟି ମଣ୍ଡି ଖୋଲାଯାଇ ଚାଷୀଙ୍କଠାରୁ ଧାନ ସଂଗ୍ରହ ପ୍ରକ୍ରିୟା ଚାଲିଛି। ଏହା ବ୍ୟତୀତ ଜିଲାର ୧୭ଟି ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ଜରିଆରେ ଧାନ ସଂଗ୍ରହ ଚାଲିଛି। ଚଳିତ ରବି ଋତୁରେ ୨୫ ହଜାରରୁ ଅଧିକ ଚାଷୀ ପଞ୍ଜୀକରଣ କରିଥିବା ବେଳେ ୯ ହଜାର ୨ ଶହ ଚାଷୀ ସେମାନଙ୍କ ଧାନ ବିଭିନ୍ନ ମଣ୍ଡିରେ ବିକ୍ରି କରିଛନ୍ତି। ତେବେ ଧାନର ମାନକୁ ଆଳ କରି ସବୁ ମିଲର୍ସମାନେ କୁଇଣ୍ଟାଲ ପିଛା ୩-୮ କେଜି ପର୍ଯ୍ୟନ୍ତ କଟନୀ କରୁଥିଲେ ହେଁ କଟନୀ ଉପରେ ପ୍ରଶାସନର କୌଣସି ନିମନ୍ତ୍ରଣ ନାହିଁ। ମୌସୁମୀ କେରଳ ପହଞ୍ଚି ଥିବା ବେଳେ ୬-୭ ଦିନ ମଧ୍ୟରେ ଓଡିଶା ପହଞ୍ଚିବ। ମୌସୁମୀ ଯୋଗୁ ସମ୍ଭାବ୍ୟ ବର୍ଷା ଆଶଙ୍କା କରି ଜିଲା ପ୍ରଶାସନ କଟନୀ ଛଟନୀ ହେଲେ ମଧ ଯେ କୌଣସି ପ୍ରକାରେ ଚାଷୀଙ୍କ ଧାନ ଉଠିଯାଉ ବୋଲି ଚାହୁଁଥିବା ଜଣାପଡିଛି। ଏହାର ଫାଇଦା ନେଇ ଅସାଧୁ ମିଲର୍ସ ଓ ଦଲାଲମାନେ ଧାନର ଏଫ୍‌ଏକ୍ୟୁ ମାନକୁ ଆଳ କରି କୁଇଣ୍ଟାଲ ପିଛା ୩-୮ କେଜି କଟନୀ କରୁଛନ୍ତି। ମୌସୁମୀ ବର୍ଷା ପୂର୍ବରୁ ଚାଷୀଙ୍କ ସବୁ ଧାନ ଉଠାଇ ନେବାକୁ କୃଷକ ସଙ୍ଗଠନ ଦାବି କରୁଛି।

## ଜିଲା ବିଜେଡି ତରଫରୁ ନବନିର୍ବାଚିତ ମନ୍ତ୍ରୀ, ବିଧାୟକଙ୍କୁ ସମ୍ବର୍ଦ୍ଧନା

**ଭବାନୀପାଟଣା/କର୍ଲାମୁଣ୍ଡା,୧୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା ବିଜେଡି ତରଫରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପରେ ନବନିର୍ବାଚିତ ବିଧାୟକ ଓ ମନ୍ତ୍ରୀଙ୍କୁ ସୋମବାର ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଛି। ଗତ ସାଧାରଣ ନିର୍ବାଚନରେ ଧର୍ମଗଡ ବିଧାନସଭାରୁ ବିଜେଡି ପ୍ରାର୍ଥୀ ମୌଷୁଧି ବାଗ, ଲାଞ୍ଜିଗଡ ବିଧାନସଭାରୁ ବିଜେଡି ପ୍ରାର୍ଥୀ ପ୍ରଦୀପ ଦିଶାରୀ ଓ ଜୁନାଗଡ ବିଧାନସଭାର ବିଜେଡି ପ୍ରାର୍ଥୀ କ୍ୟା. ଦିବ୍ୟଶଙ୍କର ମିଶ୍ର ବିଜୟ ହୋଇଥିଲେ। ଚଳିତ ବିଧାନସଭାରେ ଜୁନାଗଡ ବିଧାୟକ କ୍ୟା. ଦିବ୍ୟଶଙ୍କର ମିଶ୍ର ଗୁରୁତ୍ୱପୂର୍ଣ୍ଣ ଶକ୍ତି, ଗୃହ, ଶିଳ୍ପ, ଏମଏସ୍‌ଏମ୍‌ଇ ରାଷ୍ଟ୍ରମନ୍ତ୍ରୀ ପଦ ପାଇଛନ୍ତି। ସୋମବାର କଳାହାଣ୍ଡି ବିଜେଡି ତରଫରୁ ସ୍ଥାନୀୟ ବିଜୁ କଲ୍ୟାଣ ମଣ୍ଡପଠାରେ ଜିଲା ବିଜେଡି ସଭାପତି ପୁଷ୍ପେନ୍ଦ୍ର ସିଂଦେଓଙ୍କ ଅଧକ୍ଷତାରେ ଅନୁଷ୍ଠିତ ସମ୍ବର୍ଦ୍ଧନା ସଭାରେ ନବନିର୍ବାଚିତ ଜୁନାଗଡ ବିଧାୟକ ତଥା ମନ୍ତ୍ରୀ ମିଶ୍ର, ନର୍ଲା ବିଧାୟକ ସିଂହ, ଲାଞ୍ଜିଗଡ ବିଧାୟକ ଦିଶାରୀ ଓ ଧର୍ମଗଡ ବିଧାୟକ ବାଗଙ୍କୁ ଦଳ ତରଫରୁ ସମ୍ବର୍ଦ୍ଧନା ଦିଆଯାଇଥିଲା। ସମ୍ବର୍ଦ୍ଧନା ସଭାରେ ପୂର୍ବତନ ବିଧାୟକ ଅନାମ ନାଏକ ଓ ଦୁଷ୍ମନ୍ତ ନାଏକ, ଜିଲା ବିଜେଡି କାର୍ଯ୍ୟକାରୀ ସଭାପତି ପ୍ରବୋଧ ରଥ, ଉପସଭାପତି ଭବାନୀଶଙ୍କର ମିଶ୍ର, ପୁଷ୍ପେନ୍ଦ୍ର ସିଂଦେଓ, ପ୍ରଦୀପ ମୁଣ୍ଡ, ଅଶେଶ୍ୱର ବାଗ, ମହମ୍ମଦ ଜାକିର ହୁସେନ୍, ସାଧାରଣ ସମ୍ପାଦକ ଭବାନୀଶଙ୍କର ନିଆଲ, ସମ୍ପାଦକ ଜିତେନ୍ଦ୍ର ମହାନ୍ତି, ଟିକେଲାଲ ସାହୁ, ଥବିର ସାହୁ, ପୂର୍ବତନ ନଗରପାଳ ଆଦିତ୍ୟ ପ୍ରସାଦ ନନ୍ଦ, ଜିଲା ବିଜୁ ଛାତ୍ର ଜନତା ଦଳ ସଭାପତି ଅବିନାସ ଠାକୁର, ମହିଳା ସଭାନେତ୍ରୀ କଲ୍ୟାଣୀ ନାଏକ, ପୂର୍ବତନ ଉପନଗର ପାଳିକା ସବିତା ପ୍ରଧାନ ଓ ଲଳିତା ନାଏକ, ଟାଉନ ସଭାପତି ଧବଳେଶ୍ୱର ମହାପାତ୍ର, ଏସସି ସଭାପତି ସୁରେଶ ମହାନନ୍ଦ, ଏସଟି ସେଲ ସଭାପତି ଭୁବନେ ମାଝି, ସୁଧିର ପଟ୍ଟନାୟକ, ମାଣିକ୍ୟ ନାଏକ ପ୍ରମୁଖ ଯୋଗଦେଇ ନବନିର୍ବାଚିତ ବିଧାୟକ ଓ ମନ୍ତ୍ରୀଙ୍କୁ ସ୍ୱାଗତ କରିଥିଲେ।

ସେହିପରି ରବିବାର ଜିଲା ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ମନ୍ତ୍ରୀ ଦିବ୍ୟଶଙ୍କରଙ୍କୁ ସ୍ଥାନୀୟ ଶିକ୍ଷକ ଭବନରେ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରାଥମିକ ଶିକ୍ଷକ ସଂଘ ଜିଲା ସଭାପତି ମନୋଜ ପାଣିଗ୍ରାହୀଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ରାଜ୍ୟ ଉପସଭାପତି ଲବଣୀ ନାଏକ, ରାଜ୍ୟ ଫେଡେରେଶନର ମହାସଚିବ ଅମୀୟ ଦାସ, ଯୁବନେତା ସାମନ୍ତ ଖମାରୀ ଓ ଜିଲା ସାଧାରଣ ସମ୍ପାଦକ ଧିରେନ୍ଦ୍ର ପଟ୍ଟନାୟକ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସମାଜ କଳାହାଣ୍ଡିର ବିକାଶ ପାଇଁ ଯତ୍ନବାନ ହେବାକୁ ମନ୍ତ୍ରୀ ମିଶ୍ର ଆହ୍ୱାନ ଦେଇଥିଲେ। ଜିଲା ଯୁଗ୍ମ ସାଧାରଣ ସମ୍ପାଦକ ଧିରେନ୍ଦ୍ର ବାଗ କାର୍ଯ୍ୟକ୍ରମ ସଂଯୋଜନା କରିଥିବା ବେଳେ ଜିଲା ସାଙ୍ଗଠନିକ ଅଚ୍ୟୁତ ନାଏକ ଧନ୍ୟବାଦ ଦେଇଥିଲେ। ଶିକ୍ଷକ ପ୍ରମୋଦ ବିଶି ଓ ଅମରେନ୍ଦ୍ର ପଟ୍ଟନାୟକ ପରିଚାଳନାରେ ସହଯୋଗ କରିଥିଲେ।

କର୍ଲାମୁଣ୍ଡା ବ୍ଲକ ଖଲିଆପାଲି ଶିବମନ୍ଦିର ପ୍ରାଙ୍ଗଣଠାରେ ସୋମବାର ନବ ନିର୍ବାଚିତ ନର୍ଲା ବିଧାୟକ ଭୂପିନ୍ଦର ସିଂଙ୍କୁ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରେମାନିଧି ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ବିଧାୟକ ସିଂ, ଯୁବ ବିଜେଡି ନେତା ଦଲଜିତ ସିଂ (ସଫି) ଯୋଗଦେଇଥିଲେ। ବିଧାୟକ ଏ ଅଞ୍ଚଳର ଶିକ୍ଷା, ସ୍ୱାସ୍ଥ୍ୟ, କୃଷିର ବିକାଶ ପାଇଁ ପ୍ରଧାନ୍ୟ ଦିଆଯିବ ବୋଲି କହିଥିଲେ। ବ୍ଲକ ଅଧକ୍ଷା ଅମ୍ରିତା ସାହୁ, କର୍ଲାମୁଣ୍ଡା ସମିତି ସଭ୍ୟା ଦୀପା ବାଗ୍ ବିଜେଡି ନେତ୍ରୀ ସୂର୍ଯ୍ୟକାନ୍ତି ପାତ୍ର, ସୁଧର୍ମୀ ସାହୁ, ବିଜେଡି ନେତା ସୁଧିର ମହାନ୍ତି, ବିଦେଶୀ ଘିଭେଲା, ବୋରପଦର ସରପଞ୍ଚ ମାଧବ ସାହୁ, ରାଜପୁର ପଞ୍ଚାୟତ ସରପଞ୍ଚ ମହେନ୍ଦ୍ର ରଣା, ତେରେସିଂହା ସରପଞ୍ଚ ହନୁମାନ ଦାସ, ସ.ମାଲପଡା ସରପଞ୍ଚ ସଂଯୁକ୍ତା ସାହୁ, ରିଞ୍ଜା ସରପଞ୍ଚ ଭୋଜବନ୍ତି ସାହୁ, ପୌରକେଲା ସମିତିସଭ୍ୟ ସୀମାଞ୍ଚଳ ଭୋଇ, ରିଞ୍ଜା ସମିତିସଭ୍ୟା ଶୁଭଦ୍ରା ମାଝି, ପ୍ରଫୁଲ୍ଲ ସାହୁ, ଜାଫେଦ ନାଗ ପ୍ରମୁଖ ଯୋଗଦେଇ ଥିଲେ। ରବିଶଙ୍କର ନାଗ ସଂଯୋଜନା କରିଥିଲେ । ରେଗେଡା ସରପଞ୍ଚ ସୁଶାନ୍ତ ପରିଡା ଧନ୍ୟବାଦ ଦେଇଥିଲେ।




ସମ୍ବର୍ଦ୍ଧନା ସଭାରେ ଉପସ୍ଥିତ ନବନିର୍ବାଚିତ ମନ୍ତ୍ରୀ, ବିଧାୟକ ଏବଂ ଅନ୍ୟମାନେ ।



ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିରରେ ଯୋଗ ଦେଇଥିବା ଅତିଥି ଓ କର୍ମଚାରୀ।

## ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର

**କେସିଙ୍ଗା,୧୦।୬ (ଡି.ଏନ.ଏ.)**

କଳାହାଣ୍ଡି ଜିଲା କେସିଙ୍ଗା ଏନଏସି ପକ୍ଷରୁ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ପ୍ରଶିକ୍ଷଣ ଶିବିର ସଦଭାବନା ସଭା ଗୃହରେ ସୋମବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏନଏସିର ୩୭ଜଣ ସୁଇପରମାନଙ୍କୁ ନେଇ ୧୨ଟି ୱାର୍ଡର ରାସ୍ତାଘାଟ, ନାଳ ନର୍ଦ୍ଦମାରେ କିପରି ସଫା ସୁତୁରା କରାଯିବା ସହିତ ପ୍ଲାଷ୍ଟିକ ଓ ବର୍ଜ୍ୟବସ୍ତୁ ଉପରେ ତାଲିମ ପ୍ରଦାନ କରାଯାଇଥିଲା । ଏଥିରେ ଏନଏସିର ନିର୍ବାହୀ ଅଧିକାରୀ ବିଶ୍ୱମ୍ଭର ମିଶ୍ର, ମେଡିକାଲ ଅଫିସର କୁଞ୍ଜବିହାରୀ ସାହୁ, ନୋଡାଲ ଅଫିସର ଶିଶିର କୁମାର ବିଶି, ସ୍ୱରୂପ ପଣ୍ଡା ପ୍ରମୁଖ ଏହି ତାଲିମରେ ଅଂଶ ଗ୍ରହଣ କରି ସୁଇପରମାନଙ୍କୁ ତାଲିମ ପ୍ରଦାନ କରିଥିଲେ ।

## କଳାହାଣ୍ଡିର କଳାକାରମାନେ ରାଞ୍ଚିରେ ଉଚ୍ଚ ପ୍ରଶଂସିତ

**ଭବାନୀପାଟଣା,୧୦।୬ (ଡି.ଏନ.ଏ.)**

ବିହାର ରାଜ୍ୟ ରାଞ୍ଚିଠାରେ ସାଂସ୍କିତ ଅନୁଷ୍ଠାନ ତରଫରୁ ଜାତୀୟସ୍ତରୀୟ ଡ୍ୟାନ୍ସ, ଫେଷ୍ଟିଭାଲ ଏବଂ ସେମିନାରରେ ଭବାନୀପାଟଣାସ୍ଥିତ ଓଡଶୀ କଳାକେନ୍ଦ୍ରଙ୍କ ଛାତ୍ରୀଛାତ୍ରମାନେ ଯୋଗଦେଇ ଦକ୍ଷତାର ସହିତ ନିଜର କଳା ପ୍ରଦର୍ଶନ ଦେଖାଇ ଉଚ୍ଚ ପ୍ରଶଂସିତ ଓ ସମ୍ମାନିତ ହୋଇ କଳାହାଣ୍ଡି ପାଇଁ ଗୌରବ ଆଣିଦେଇଛନ୍ତି। ରାଞ୍ଚିଠାରେ ଅନୁଷ୍ଠିତ ସାଂସ୍କିତ ଅନୁଷ୍ଠାନ ଏବଂ ଓଡିଶା ନୃତ୍ୟଶ୍ରୀ ମିଳିତ ଆନୁକୁଲ୍ୟରେ ହାଟିଆସ୍ଥିତ ଏନ୍‌ଆଇଏଫ୍‌ଏଫ୍‌ଟି ଅଡିଟୋରିଅମ୍‌ରେ ଜୁନ ୫ ଓ ୬ ତାରିଖ ୨ ଦିନ ଧରି ଜାତୀୟସ୍ତରୀୟ ଡ୍ୟାନ୍ସ, ଫେଷ୍ଟିଭାଲ ଏବଂ ସେମିନାର ଆୟୋଜିତ ହୋଇଥିଲା । ଏଥିରେ କଳାହାଣ୍ଡି ଜିଲା ଭବାନୀପାଟଣାସ୍ଥିତ ଓଡଶୀ କଳାକେନ୍ଦ୍ରର ନୃତ୍ୟ ଗୁରୁ ସତ୍ୟବାନ ପ୍ରଧାନଙ୍କ ତତ୍ତ୍ୱାବଧାନରେ ୮ ଜଣ ଛାତ୍ରୀଛାତ୍ର, ଅଭିଭାବକ ଏବଂ ଅନ୍ୟମାନେ ଯୋଗଦେଇଥିଲେ। ଏହି କାର୍ଯ୍ୟକ୍ରମରେ ହାଇଟେକ୍ ପବ୍ଲିକ ସ୍କୁଲରେ ଶିକ୍ଷାଦାନ କରୁଥିବା ଭବାନୀପାଟଣା ସହରର ପରଦେଶୀ ପଡା ନିବାସୀ ସିକୃତୀ ପଣ୍ଡା (୮) ଏବଂ ଅନ୍ୟ ଛାତ୍ରୀମାନେ ଯୋଗଦେଇ ଓଡଶି ଏବଂ ଲୋକନୃତ୍ୟ ପ୍ରଦର୍ଶନ କରି ଉପସ୍ଥିତ ଦର୍ଶକଙ୍କ ମନମୁଗଦ୍ଧ କରିଦେଇଥିଲେ। ଏହି କଳାକାରମାନଙ୍କ ଓଡଶି ଏବଂ ଅନ୍ୟାନ୍ୟ ଲୋକନୃତ୍ୟ ଉପସ୍ଥିତ ଦର୍ଶକ ଓ କାର୍ଯ୍ୟକ୍ରମ ପରିଚାଳନା କରୁଥିବା କର୍ମକର୍ତ୍ତାଙ୍କ ଦ୍ୱାରା ଉଚ୍ଚପ୍ରଶଂସିତ ହେବା ସହିତ ସମ୍ମାନିତ ହୋଇଥିଲେ।

## ଭବାନୀପାଟଣା ସହରରେ ଅଲୋଡ଼ା ହେଲାଣି ରିକ୍ସା

# ଦୟନୀୟ ଜୀବନଯାପନ କରୁଛନ୍ତି ରିକ୍ସା ଚାଳକ

**ସଞ୍ଜୀବ କୁମାର ଯୋଷୀ**
**ଭବାନୀପାଟଣା,୧୦।୬**



- ଅଟୋ ରିକ୍ସାର ବହୁଳ ବ୍ୟବହାର ରିକ୍ସା ଚାଳକଙ୍କ ଉପରେ ଏହାର ପ୍ରଭାବ
- ମାଲିକଙ୍କ ପାଖରୁ ଭଡାରେ ଆଣି ଚଲାଉଛନ୍ତି ରିକ୍ସା



❝ ରିକ୍ସା ଚାଳକ ଭାଇମାନଙ୍କ ସହାୟତା ପାଇଁ ଜିଲା ପ୍ରଶାସନ ଓ ପୌର ସଂସ୍ଥା ସହିତ ଆଲୋଚନା ଚାଲିଛି। ସରକାରଙ୍କ ବିଭିନ୍ନ ଯୋଜନାରେ ଏମାନଙ୍କୁ ସାମିଲ କରି କିପରି ଆର୍ଥିକ ସ୍ଥିତିରେ ସୁଧାର ଆସିବ ସେ ବ୍ୟବସ୍ଥା ଉଦ୍ୟମ କରାଯାଉଥିବା କହିଛନ୍ତି ।

-ସୁଧୀର କୁମାର ପଟ୍ଟନାୟକ
ରିକ୍ସା ଚାଳକ ସଂଘର ସଭାପତି, ଆଇନଜୀବୀ

ଭବାନୀପାଟଣା ସହରର ଲୋକେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଯିବାଆସିବା ପାଇଁ ରିକ୍ସା ଉପରେ ନିର୍ଭର କରୁଥିଲେ। ଏକଦା ମଣିଷ ସମାଜର ଏକାନ୍ତ ଆବଶ୍ୟକତା ମଧ୍ୟରେ ପରିଗଣିତ ହେଉଥିବା ରିକ୍ସା ଏବେ ସମ୍ପୂର୍ଣ୍ଣ ଅଲୋଡା ହୋଇଯାଇଛି । ରିକ୍ସାକୁ ଜୀବନ ଜୀବିକା ଭାବେ ଗ୍ରହଣ କରିଥିବା କିଛି ଗରିବ ଶ୍ରେଣୀର ଲୋକେ ରୋଜଗାରର ଅନ୍ୟ ପନ୍ଥା ନ ପାଇ ଏବେ ଦୟନୀୟ ଅବସ୍ଥାରେ ଜୀବନଯାପନ କରୁଛନ୍ତି । ରାସ୍ତା କଡରେ ରିକ୍ସା ଧରି ଘଣ୍ଟା ଘଣ୍ଟା ଅପେକ୍ଷା କରିବା ପରେ ସୌଭାଗ୍ୟ ଥିଲେ ମିଳୁଛି ରୋଜଗାର । ଦିନର କଠିନ ପରିଶ୍ରମ ପରେ ଯାହା ରୋଜଗାର ହେଉଛି ସେଥିରେ ତେଲଲୁଣର ସଂସାରକୁ ନିଅଣ୍ଟ । ଏଭଳି ସ୍ଥିତିରେ ଝିଅ ପୁଅଙ୍କୁ ପାଠ ପଢାଇବାର କିମ୍ବା ମୁଣ୍ଡ ଗୁଞ୍ଜିବା ପାଇଁ ନିଜର ଘରଟିଏ ନିର୍ମାଣ କରିବା ଦିବାସ୍ୱପ୍ନରେ ପରିଣତ ହୋଇଛି । ଅତ୍ୟନ୍ତ ଦୟନୀୟ ଅବସ୍ଥା ଦେଇ ଗତିକରୁଥିବା ଏହି ରିକ୍ସା ଚାଳକ ଓ ସେମାନଙ୍କ ପରିବାରକୁ ସହାୟତା କରିବା ପାଇଁ କୌଣସି ପ୍ରକାର ସ୍ୱତନ୍ତ୍ର ବ୍ୟବସ୍ଥା କାର୍ଯ୍ୟକାରୀ ହୋଇ ନ ଥିବାରୁ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ଭବାନୀପାଟଣା ସହରରେ ଏକଦା ରିକ୍ସା ଚାଳକଙ୍କ ସ୍ୱତନ୍ତ୍ର ଚାହିଦା ରହିଥିଲା। ବସଷ୍ଟାଣ୍ଡ, ଡାକ୍ତରଖାନା ଓ ଅନ୍ୟ ଜନଗହଳିପୂର୍ଣ୍ଣ ସ୍ଥାନରେ ବହୁ ସଂଖ୍ୟାରେ ରିକ୍ସା ଦେଖିବାକୁ ମିଳୁଥିଲା। ଗମନାଗମନ ପାଇଁ ସହର ମଧ୍ୟରେ ସେତେବେଳେ ରିକ୍ସା ଏକମାତ୍ର ମାଧ୍ୟମ ରହିଥିବାରୁ ଜିଲା ବାହାରୁ ବହୁ ସଂଖ୍ୟାରେ ଲୋକେ ରୋଜଗାର ଆଶାରେ ଭବାନୀପାଟଣା ଆସି ରିକ୍ସା ଟାଣିବାକୁ ପସନ୍ଦ କରୁଥିଲେ । କଳାହାଣ୍ଡି ଜିଲାର ବିଭିନ୍ନ ଅଞ୍ଚଳରୁ ଆସି ରିକ୍ସା ଚଲାଉଥିବା ଅନେକ ବ୍ୟକ୍ତି ଆଜି ବି ରିକ୍ସା ଚଲାଇ ପରିବାର ଭରଣପୋଷଣ କରୁଛନ୍ତି । ପୂର୍ବରୁ ରିକ୍ସା ଚାଳକଙ୍କ ସଂଖ୍ୟା ବହୁ ଅଧିକ ଥିବା ବେଳେ ଏବେ ଏହା ହାତଗଣତି ମଧ୍ୟରେ ସୀମିତ ରହିଛି । ସମୟ ବଦଳିବା ସହ ଅଟୋ ରିକ୍ସାର ବହୁଳ ବ୍ୟବହାର ରିକ୍ସା ଚାଳକଙ୍କ ଉପରେ ଏହାର ଗଭୀର ପ୍ରଭାବ ପଡିଛି । ଲୋକେ ମଧ ସମୟ ବଞ୍ଚାଇବା ପାଇଁ ଓ ଠିକଣା ସ୍ଥାନରେ ଶୀଘ୍ର ପହଞ୍ଚିବା ପାଇଁ ରିକ୍ସା ଅପେକ୍ଷା ଅଟୋରିକ୍ସା ବ୍ୟବହାରକୁ ପ୍ରାଧାନ୍ୟ ଦେଉଛନ୍ତି । ଏଭଳି ସ୍ଥିତିରେ ଦୀର୍ଘ ୨୦/୩୦ ବର୍ଷ ଧରି ରିକ୍ସା ଚଲାଉଥିଲେ ମଧ ରୋଜଗାର ସମସ୍ୟା ରହିଥିବାରୁ ଆଜି ପର୍ଯ୍ୟନ୍ତ ଅଧିକାଂଶ ରିକ୍ସା ଚାଳକ ନିଜର ଖଣ୍ଡିଏ ରିକ୍ସା କରି ନ ପାରି ମାଲିକଙ୍କଠାରୁ ଦିନକୁ ୨୫/୩୦ ଟଙ୍କା ଭଡାରେ ରିକ୍ସା ଆଣି ଚଲାଉଛନ୍ତି । ସହରର ପୁରୁଣା ସିନେମାହଲ ଛକ ରିକ୍ସା ଚାଳକ ଶଙ୍କର ନାଏକ, ରବି ଗହିରଙ୍କ କହିବା ଅନୁଯାୟୀ ଦୀର୍ଘ ୩୦ ବର୍ଷ ହେଲା ରିକ୍ସା ଚଲାଉଛନ୍ତି । ପୂର୍ବରୁ ସହରରେ ଅଧିକ ସଂଖ୍ୟାରେ ରିକ୍ସା ରହିଥିଲେ ମଧ ଭଲ ରୋଜଗାର ହେଉଥିଲା । ଏବେ ରିକ୍ସା ସଂଖ୍ୟା କମିଛି ତଥାପି ଦିନକୁ ୨୦୦ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡିଛି । ବୋର୍ଡାରୁ ଆସି ୨୦ ବର୍ଷ ହେଲା ଭବାନୀପାଟଣା ସହରରେ ରିକ୍ସା ଚଲାଉଥିବା କାର୍ତ୍ତିକ ଶବରଙ୍କ କହିବା ଅନୁଯାୟୀ ଯାତ୍ରୀଟିଏ ପାଇବାକୁ ରାସ୍ତା କଡରେ ଘଣ୍ଟା ଘଣ୍ଟା ଅପେକ୍ଷା କରିବାକୁ ପଡୁଛି । ନିଜର ରିକ୍ସା ନ ଥିବାରୁ ଜଣେ ମାଲିକଙ୍କ ପାଖରୁ ଦିନକୁ ୩୦ ଟଙ୍କା ଭଡାରେ ରିକ୍ସା ଆଣି ଚଲାଉଛନ୍ତି । ଯାହା ରୋଜଗାର ହେଉଛି ସେଥିରେ ପେଟ ପୋଷିବା କଷ୍ଟକର ହେଉଥିବା ବେଳେ ରିକ୍ସାଟିଏ କିଣିବା ସ୍ୱପ୍ନ ସାକାର ହୋଇପାରି ନାହିଁ ।



ଯେତେବେଳେ ଆମେ ନିଜ ପାଇଁ ବଞ୍ଚିବା ଛାଡ଼ିଦେଉ, ସେତେବେଳେ ଜୀବନ ଏକ ତୀର୍ଥରେ ପରିଣତ ହୁଏ।
- ଜେ.ଏସ୍. ଗୋଲ୍ଡସ୍ମିଥ



## ସଂକ୍ଷେପରେ

### ବଜ୍ରପାତରେ ଯୁବକ ମୃତ, ୨ଗୁରୁତର

**ମୁରିବାହାଲ, ୧୦।୬(ଡି.ଏନ୍.ଏ.):** ବଲାଙ୍ଗୀର ଜିଲା ମୁରିବାହାଲ ବ୍ଲକ ଇଛାପଡା ପଞ୍ଚାୟତ ସଦର ଗାଁରେ ସୋମବାର ଅପରାହ୍ନରେ ବଜ୍ରପାତ ଘଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ବବୁ ଝାଙ୍କର(୨୩)। ଗୁରୁତର ଆହତ ଜୁକ ଝାଙ୍କର(୫୦) ଓ ଲକ୍ଷ୍ମୀ ଝାଙ୍କର(୩୫)ଙ୍କୁ କଣ୍ଟାବାଞ୍ଜି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ଅପରାହ୍ନ ପ୍ରାୟ ୫.୩୦ରେ ଉପରୋକ୍ତ ତିନିହେଁ ଗାଁ ନିକଟ କ୍ଷେତକୁ ଟୋଲ(ମହୁଲ) ଗୋଟାଇବାକୁ ଯାଇଥିବା ବେଳେ ଘଡଘଡି ସହ ବର୍ଷା ଓ ଘଡଘଡି ହୋଇଥିଲା। ଫଳରେ ସେମାନେ ଆଶ୍ରୟ ନେବା ପାଇଁ ମହୁଲ ଗଛ ତଳକୁ ଚାଲି ଆସିଥିଲେ। ଏହି ସମୟରେ ବଜ୍ରପାତ ହୋଇଥିଲା। ଏଥିରେ ତିନି ଜଣ ଯାକ ଅଚେତ ହୋଇ ଗଛତଳେ ପଡି ଯାଇଥିଲେ। ବର୍ଷା ପରେ ସେହି ବାଟଦେଇ ଆସୁଥିବା ଗ୍ରାମର କେତେକ ଲୋକ ଏ ନେଇ ତାଙ୍କ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଆହତମାନଙ୍କୁ ଡାକ୍ତରଖାନାକୁ ପଠାଯାଇଥିଲା। ଖବର ପାଇ ଇଛାପଡା ରାଜସ୍ୱ ନିରୀକ୍ଷକ କୋଶଲ ବେହେରା ଓ ମୁରିବାହାଲ ଥାନା ଆଇଆଇସି ଲୋକନାଥ ଭୋଇ ଘଟଣାସ୍ଥଳକୁ ଯାଇ ସରଜମିନ ତଦନ୍ତ କରିଥିଲେ। ପରେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କଣ୍ଟାବାଞ୍ଜି ପଠାଯାଇଛି।

### ଶିବ ମନ୍ଦିରର ରତ୍ନମୁଦ ଉତ୍ସବ

**ଲାଠୋର, ୧୦।୬ (ଡି.ଏନ.ଏ.):** ଖପ୍ରାଖୋଲ ବ୍ଲକ ଲାଠୋର ରଜାକଟାଠାରେ ଶିବ ମହାକାଳେଶ୍ୱର କମିଟି ଦ୍ୱାରା ନିର୍ମିତ ଶିବ ମନ୍ଦିରର ରତ୍ନମୁଦ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କର୍ତ୍ତାକର୍ତ୍ତା ଭାବେ ଗେଲାପୀ ମେହେର ଏବଂ ରାଧେଶ୍ୟାମ ମେହେର ଦାୟିତ୍ୱ ବହନ କରିଥିଲେ। ଉପସ୍ଥିତ ଗ୍ରାମବାସୀ ଧାନ, ଅଷ୍ଟଧାତୁ, ତମ୍ବା, ସୁନା, ରୂପା, ଟଙ୍କା ଇତ୍ୟାଦି ଭରିବା ପରେ କୁମ୍ଭ ବନ୍ଦ କରାଯାଇଥିଲା। କମିଟି ସଭାପତି ତମ୍ବରୁଧର ସେଠ, ସମ୍ପାଦକ ଗୁରୁ ଥନାପତି ପ୍ରମୁଖ ଉପସ୍ଥିତ ଥିଲେ।

### ବର୍ଜ୍ୟବସ୍ତୁ ପରିଚାଳନା ସଚେତନତା ଶିବିର

**ଗୁଡ଼ଭେଲା,୧୦।୬(ଡି.ଏନ.ଏ.):** ବଲାଙ୍ଗୀର ଜିଲା ତୁଷୁରା ଏନଏସି କାର୍ଯ୍ୟାଳୟ ପରିସରରେ ବର୍ଜ୍ୟବସ୍ତୁ ପରିଚାଳନା ସମ୍ପର୍କିତ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଜିଲା ପ୍ରକଳ୍ପ ନିର୍ଦ୍ଦେଶିକା ଯୁଗଳେଶ୍ୱରୀ ଦାସ ଯୋଗଦେଇଥିଲେ। ସଂଗୃହୀତ ଓଦା ଓ ଶୁଖିଲା ବର୍ଜ୍ୟବସ୍ତୁଗୁଡିକ ଅଲଗା ସଂଗ୍ରହ କରିବା ସହ ଲୋକଙ୍କୁ ସଚେତନ କରିବାକୁ ସଫେଇ କର୍ମଚାରୀଙ୍କୁ ସେ ପରାମର୍ଶ ଦେଇଥିଲେ। ଏନଏସି ଇଓ ବିପିନ ବିହାରୀ ଦୀପ, ଯନ୍ତ୍ରୀ ସନ୍ତୋଷ ବେହେରା, ଜିଲା ସାନିଟେସନ ବିଶେଷଜ୍ଞ ସ୍ମିତିସ୍ୱାନୀ ସ୍ୱାଇଁ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ବର୍ଜ୍ୟବସ୍ତୁକୁ ଏଣେତେଣେ ନ ପକାଇ ଉଦ୍ଦିଷ୍ଟ ନୀଳ ଓ ସବୁଜ ରଙ୍ଗର ଡଷ୍ଟବିନରେ ପକାଇ ସହରକୁ ସ୍ୱଚ୍ଛ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ଏହା ସହ ନାଳ ନର୍ଦ୍ଦମାକୁ ନିୟମିତ ବ୍ୟବଧାନରେ ସଫା କରିବା, ସମସ୍ତ ଦୋକାନୀଙ୍କୁ ଡଷ୍ଟବିନ ରଖିବା ପାଇଁ ପ୍ରବର୍ତ୍ତାଇବା ଉପରେ ଗୁରୁତ୍ୱ ଦିଆଯାଇଥିଲା। ଶିବିରରେ ୬୫ଜଣ ସଫେଇ କର୍ମଚାରୀ, କାଉନସିଲର ଓ ଏନଏସିର ସମସ୍ତ କର୍ମଚାରୀ ଯୋଗ ଦେଇଥିଲେ। ବ୍ଲକ ଉପାଧ୍ୟକ୍ଷ ଦିନଦୟାଳ ଶର୍ମା ଧନ୍ୟବାଦ ଅର୍ପଣ କରିଥିଲେ।

# ପୋକରା ଚିନାବାଦାମ ବିହନ ବଣ୍ଟନ

**ଲୋଇସିଂହା, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଆଗଲପୁର ବ୍ଲକ କୃଷି ବିଭାଗ ପକ୍ଷରୁ ନଅଗାଁ(ଖ) ଗ୍ରାମର ଚାଷୀଙ୍କୁ ପୋକରା ଚିନାବାଦାମ ବିହନ ବଣ୍ଟନ କରାଯାଇଛି । କୃଷି ବିଭାଗର ଏପରି କାର୍ଯ୍ୟକୁ ନେଇ ଚାଷୀମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି। ଏହାର ବିଧିବଦ୍ଧ ତଦନ୍ତ କରି ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ନେବା ପାଇଁ ଚାଷୀମାନେ ଦାବି କରିଛନ୍ତି।

ସୂଚନାମତେ, ଖରିଫ ଚାଷ ପରେ ରବିଚାଷ ପାଇଁ ସରକାର କୃଷି ବିଭାଗ ଜରିଆରେ ଚାଷୀଙ୍କୁ ଚିନାବାଦାମ, ମୁଗ (ସିଏମ କିଟ) ମାଗଣା ବଣ୍ଟନ କରିଥାନ୍ତି । କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କୁ କିଟ୍ ଦେବା ନିୟମ ରହିଛି। ହେଲେ ଏଠାରେ ଆଗଲପୁର କୃଷି ବିଭାଗର ଅଜବ ନୀତି ଦେଖିବାକୁ ମିଳିଛି। ଏବେ ଖରିଫ ଚାଷ ସମୟ ଉପନୀତ ହୋଇଯାଇଛି। ଏହି ସମୟରେ ନଅଗାଁ(ଖ) ଗ୍ରାମର ଚାଷୀଙ୍କୁ ରବିଚାଷ ପାଇଁ ଆସିଥିବା ଚିନାବାଦାମ ବିହନ ଶନିବାର ବଣ୍ଟନ



ଚାଷୀମାନେ ପୋକରା ଚିନାବାଦାମ ବିହନ ଦେଖାଉଛନ୍ତି।

କରାଯାଇଛି । ତେବେ ଏହି ପୋକରା ବିହନ ନେବାକୁ ଚାଷୀମାନେ ନେବାକୁ ରୋକଠୋକ ମନା କରିଦେଇଛନ୍ତି। ହେଲେ ସ୍ଥାନୀୟ କୃଷକ ସାଥୀ ଚାଷୀଙ୍କ କଥା ଶୁଣିବାକୁ ନାରାଜ । ସରକାର ଯାହା ଦେଇଛନ୍ତି ତାହା ଆମେ ବାଣ୍ଟୁଛୁ କହି ବିହନ ନେବାକୁ ବାଧ୍ୟ କରୁଥିବା ପ୍ରେମାନନ୍ଦ ବିଶ୍ୱାଳ, ସୁଦାମ ବିଶ୍ୱାଳ, ଗୋପାଳ ବିଶ୍ୱାଳ, କେଶବ ପଧାନ, ଖଗ ବିଶ୍ୱାଳ, ଉତ୍ତମ ଦଣ୍ଡସେନା ପ୍ରମୁଖ ଚାଷୀ ଅଭିଯୋଗ କରିଛନ୍ତି। ସେମାନେ ଆହୁରି ଅଭିଯୋଗ କରିଛନ୍ତି ଯେ, ଜଣେ ଚାଷୀଙ୍କୁ ୨୦ କେଜି ବିହନ ଦେବା ନିୟମ ଥିବା ବେଳେ ଏବେ ୪ ରୁ ୫ କେଜି ଦିଆଯାଉଛି । ସ୍ଥାନୀୟ ଗ୍ରାମ୍ୟ କୃଷି କର୍ମଚାରୀ କ୍ଷେତ୍ର ପରିଦର୍ଶନ କରି ଚାଷୀଙ୍କ ସହ ଆଲୋଚନା କରୁ ନ ଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ କୃଷକ ସାଥୀ ରାଜକିଶୋର ବିଶ୍ୱାଳଙ୍କୁ ପଚାରିବାରୁ ନିର୍ବାଚନ ଆଚରଣ ବିଧି ଲାଗିଥିବାରୁ ଚାଷୀଙ୍କୁ ବିହନ ପ୍ରଦାନ

- ନେବାକୁ ମନାକଲେ ଚାଷୀ
- ୨୦ ବଦଳରେ ଦିଆଯାଉଛି ୫କେଜି
- ବ୍ଲକ କୃଷି ବିଭାଗର ଅଜବ ନୀତି
- ଖରିଫରେ ରବି ବିହନ ବଣ୍ଟନ

କରାଯାଇ ପାରି ନ ଥିଲା । ଏବେ ତାହା ଚାଷୀଙ୍କୁ ଭାଗବଣ୍ଟା କରି ଦିଆଯାଇଛି। ତେବେ ଗୋଟିଏ ପ୍ୟାକେଟରେ ପୋକରା ବିହନ ଥିବାକୁ ସେ ସ୍ୱୀକାର କରିଥିଲେ । ଏ ସମ୍ପର୍କରେ ବ୍ଲକ ସହକାରୀ କୃଷି ଅଧିକାରୀ ଚନ୍ଦ୍ରମୋହନ ଚାନ୍ଦ କହିଛନ୍ତି ଯେ, ଏବେ ଆମ ପାଖକୁ ବିହନ ଆସିନାହିଁ । ତାହା ରବି ସମୟର ବିହନ ହୋଇଥିବ । କଣ ପାଇଁ ବିହନ ଚାଷୀଙ୍କୁ ଏତେ ବିଳମ୍ବରେ ଦିଆଯାଇଛି ତାହା ବୁଝିଲା ପରେ ଯାଇ କହି ପାରିବି। ଜଣେ ଚାଷୀଙ୍କୁ ୨୦ କେଜି ବିହନ ଦେବା କଥା। ତେବେ କେଉଁ ପରିସ୍ଥିତିରେ ୪ରୁ ୫କେଜି ଦିଆ ଯାଇଛି ମୁଁ କହି ପାରିବି ନାହିଁ ବୋଲି ସେ କହିଛନ୍ତି।

## ପାନୀୟ ଜଳ, ବିଦ୍ୟୁତ ସମସ୍ୟାକୁ ନେଇ ଅସନ୍ତୋଷ

**ଲୋଇସିଂହା,୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ସଦର ବ୍ଲକ ତଥା ଲୋଇସିଂହା ଥାନା ଅନ୍ତର୍ଗତ ଫାସଡ ଗାଁରେ ପାନୀୟ ଜଳ ଓ ବିଦ୍ୟୁତ୍ ସମସ୍ୟାକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ ପାଉଛି । ପ୍ରଶାସନ ପକ୍ଷରୁ ଶୀଘ୍ର ଏହାର ସମାଧାନ ଦିଗରେ ପଦକ୍ଷେପ ଗ୍ରହଣ ନକଲେ ଗ୍ରାମବାସୀ ଆନ୍ଦୋଳନାତ୍ମକପନ୍ଥା ଗ୍ରହଣ କରିବାକୁ ଚେତାବନୀ ଦେଇଛନ୍ତି। ୪ୱାର୍ଡ ବିଶିଷ୍ଟ ଫାସଡ ଗାଁର ଜନସଂଖ୍ୟା ପାଖାପାଖି ୨ ହଜାର । ସୁକତେଲ ନଦୀତଟରେ ଅବସ୍ଥିତ ଏହି ଗାଁକୁ ପାଇପ ଜଳ ଯୋଗାଣ ବ୍ୟବସ୍ଥା ରହିଛି । ତେବେ ପାନୀୟ ଜଳ ପ୍ରକଳ୍ପର ପାଇପ କେତେକ ସ୍ଥାନରେ ଫାଟି ଯାଇଛି । ପ୍ରକଳ୍ପ ଦାୟିତ୍ୱରେ ଥିବା ବିଭାଗ ମରାମତି ଦିଗରେ ଆନ୍ତରିକତା ଦେଖାଉ ନ ଥିବା ଅଭିଯୋଗ ହୋଇଛି। ନଳକୂପରୁ ପାଣି ବାହାରୁ ନାହିଁ। ଏଭଳି ସ୍ଥିତିରେ ଗ୍ରାମବାସୀ ୧କିମି ଦୂର ସୁକତେଲ ନଦୀକୁ ଯାଇ ପାଣି ସଂଗ୍ରହ କରି ଆଣୁଛନ୍ତି। ଏଥିପ୍ରତି ବ୍ଲକ ଓ ଜିଲା ପ୍ରଶାସନ ଦୃଷ୍ଟିଦେଇ ପଦକ୍ଷେପ ଗ୍ରହଣ କରିବାକୁ ଦାବି ହେଉଛି।

# ଛେଉଣ୍ଡ ଛୁଆକେ ଉଧାର କଲା ଚାଇଲ୍ଡ ଲାଇନ୍

**ଲାଠୋର, ୧୦।୬ (ଡି.ଏନ୍.ଏ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଅଧୀନ ଲାଠୋର ତଲିପଡ଼ାର ଗୁଟେ ଛେଉଁଣ୍ଡ୍ ଛୁଆର ବାବ୍ଦେ ଗଲା ୬ ତାରିଖ ଗୁରୁବାର ଧରିତ୍ରୀ ସମ୍ବଲପୁର ସଂସ୍କରଣରେ "ଛେଉଁଡ ଛୁଆକେ ପୁଷିବାରେ ଅକ୍ଷମ ଦାଦନ ପରିବାର" ଶୀରଷକ୍‌ରେ ଖବର ବାହାରିଥିଲା। ଖବର ବାହାରଲାରୁ ଜିଲା ଶିଶୁ ସୁରକ୍ଷା ୟୁନିଟ ଆର ଚାଇଲ୍ଡ ଲାଇନ୍ ବଲାଙ୍ଗୀରର ମିଳିତ ଉଦିଅମ୍‌ରେ ଛୁଆଟାକେ ଥଇଥାନ ଲାଗି ଉଧାର କରାଯାଇଥିବାର ଜନାଯାଇଛେ।



ଜିଲା ଶିଶୁ ସୁରକ୍ଷା ୟୁନିଟ ଆର ଚାଇଲ୍ଡ ଲାଇନ୍‌ର ମିଳିତ ଉଦିଅମ୍‌ରେ ଛୁଆକେ ଉଧାର କରି ଥଇଥାନ ଲାଗି ନିଆଯାଉଛେ।

**ଧରିତ୍ରୀ ପ୍ରଭାବ**

ପୂରବର ସୂଚନା ହିସାବେ ଗଲା ୨୮.୯.୨୦୧୮ରେ ଲାଠୋର ତଲିପଡ଼ାର ଜଗିନ ବରିହା ମଦ୍ ପାଏନ୍ ପିଇ ନିଜର ୫ ବଛରିଆ ଛୁଆର ଟଁଟି ଚିପି ମାରବାର ଚେଷ୍ଟା କରୁଥିଲେ। ଘଟନା ବାବ୍ଦେ ପଡ଼ିଶା ଲୋକ୍‌ମାନେ ଜାନିପାରି ଛୁଆକେ ଉଧାର କରିଥିଲେ। ହେଲେ ଜଗିନ ନିଜର ମାଏକିନା ଆଶାକେ ବାଡ଼ିରେ ପିଟିପିଟି ମାରିଦେଇ ଜେଲ ଯାଇଥିଲେ। ଏନ୍ତାଥି ଛୁଆଟା ଛେଉଁଡ଼ ପାଲଟିଯାଇଥିଲା। ଶେଷେ ଛୁଆକେ ତାର ମାମୁ ନନ୍ଦରାମ ବରିହା ଆନି ପାଲପୋଷ କରୁଥିଲେ। ହେଲେ ନନ୍ଦରାମ ବି ନିହାତି ଗରିବ ହେଇଥିଲାବେଲେ ସେ ଦାଦନ୍ ଖଟି ନିଜର ପରିବାର ଚଲଉଛନ୍। ଏନ୍ତାଥି ଛୁଆକେ ପାଲପୋଷ କରି ବଡ଼ାବାରେ ତାହାକୁ ବହୁତ ଭିଡ଼ ହେଇଥିଲା। ସେ ଛୁଆର ଭବିଷତ୍ ଚିନ୍ତା କରି କେହେନ୍‌ସି ଆଶ୍ରମରେ ଛାଡ଼ି ଦେବାର ନିଷ୍ପତି ନେଇଥିଲେ। ନନ୍ଦରାମ ଥାନୀୟ ଧରିତ୍ରୀ ପରତିନିଧିଙ୍କର ସଂଗେ ଯୋଗାଯୋଗ କରି ଦୁଖ୍ ବଖାନିଥିଲେ। ନନ୍ଦରାମଙ୍କର କଥାକେ ନେଇ ଧରିତ୍ରୀରେ ଖବର ବାହାରିଥିଲା। ଖବରକେ ଆଧାର କରି ସୋମବାର ଜିଲା ଶିଶୁ ସୁରକ୍ଷା ୟୁନିଟ ବଲାଙ୍ଗୀରରୁ ଅରୁଣ ଖୁଆସ ଆର ଚାଇଲ୍ଡ ଲାଇନ୍‌ର ସ୍ୱେଚ୍ଛାସେବୀ ମଧୁମିତା ସ୍ୱାଇଁ ଆସି ଲାଠୋରରେ ପୁହୁଁଚିଥିଲେ। ସେମାନେ ଛୁଆକେ ଉଧାର କରି ବଲାଙ୍ଗୀର ଶିଶୁ ମଙ୍ଗଳ କମିଟିକେ ନେଇ ହାଜର କରି ସେଠାନୁ କେହେନ୍‌ସି ଆଶ୍ରମକେ ପଠାବାର ବେବସ୍ତା କରାଯିବା ବଲି ଗୁଟେ ଚୁକ୍ତି ପତରରେ ପଡ଼ାବାସୀକର ଦସ୍‌ଖତ ନେଇଥିବାର ଜନାଯାଇଛେ।

## ତୁଷୁରା ଚିକିତ୍ସାଳୟ ଅପଗ୍ରେଡ ଦାବି ପୂରଣରେ ବିଳମ୍ବ

**ଗୁଡ଼ଭେଲା,୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁଷୁରା ଚିକିତ୍ସାଳୟକୁ ଅପଗ୍ରେଡ କରିବା ପାଇଁ ବିଭିନ୍ନ ସମୟରେ ଦାବି ହୋଇ ଆସୁଛି। ଲୋକେ ଆନ୍ଦୋଳନ କରି ଆସୁଥିଲେ ମଧ୍ୟ ପ୍ରଶାସନ ନୀରବଦ୍ରଷ୍ଟା ସାଜିଥିବାରୁ ଦାବି କେବେ ହେବ ସେ ନେଇ ଲୋକଙ୍କ ଅସନ୍ତୋଷ ପ୍ରକାଶ ପାଇବାରେ ଲାଗିଛି । ଏହି ଚିକିତ୍ସାଳୟ ଉପରେ ସୀମାନ୍ତ ବୌଦ୍ଧ, କଳାହାଣ୍ଡି, ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକର ବହୁ ଗ୍ରାମର ଲୋକେ ନିର୍ଭର କରିଥାନ୍ତି । ତୁଷୁରା ଏନଏସି ହେବା ଇତିମଧ୍ୟରେ ଚାରି ବର୍ଷ ବିତିଯାଇଥିଲେ ସୁଦ୍ଧା ଏଠାରେ ଥିବା ୯୬ ବର୍ଷର ପୁରୁଣା ଚିକିତ୍ସାଳୟର ଉନ୍ନତି ହୋଇ ପାରିନାହିଁ । ଏପରିକି ଏହି ଚିକିତ୍ସାଳୟରେ ଗୋଟିଏ ମାତ୍ର ଏମବିବିଏସ ପଦବୀ ରହିଛି । ଏଣୁ ଚିକିତ୍ସା ପାଇଁ ଅଞ୍ଚଳବାସୀ ବାହାରକୁ ଯିବାକୁ ପଡୁଛି । ଏଣୁ ଅବିଳମ୍ବେ ଏହି ଚିକିତ୍ସାଳୟରେ ଖାଲି ପଡିଥିବା ଡାକ୍ତର ପଦବୀ ପୂରଣ ସହ ଅପ୍ରଗ୍ରେଡ କରିବାକୁ ସାଧାରଣରେ ଦାବି ହେଉଛି।

# ବିଧାୟକଙ୍କ ଗିରଫ ଦାବି କଲା ଆଦିବାସୀ ସଂଘ

**ଖପ୍ରାଖୋଲ, ୧୦।୬(ଡି.ଏନ.ଏ.)**

ଆଦିବାସୀ କଲ୍ୟାଣ ସଂଘ ଖପ୍ରାଖୋଲ ବ୍ଲକ ଶାଖା ତରଫରୁ ପାଟଣାଗଡ ବିଧାୟକ ସରୋଜ ମେହେରଙ୍କ ଗିରଫ ଦାବିରେ ସୋମବାର ଖପ୍ରାଖୋଲ ଥାନାରେ ଅଭିଯୋଗ କରାଯାଇଛି। ଗତ ୫ ତାରିଖ ବେଲପଡା ବ୍ଲକ ଗମ୍ଭାରୀଠାରେ ଏକ ରାସ୍ତା କାମ ନିମ୍ନମାନର ଅଭିଯୋଗ ହୋଇଥିବା ବେଳେ ବିଧାୟକ ସରୋଜ ମେହେର କାର୍ଯ୍ୟ ରତ କନିଷ୍ଠ ଯନ୍ତ୍ରୀ ଜୟକାନ୍ତ ଶବରଙ୍କୁ ପାଞ୍ଚ ମିନିଟ ମଧ୍ୟରେ ଶହେଥର ଉଠବର ପାଇଁ ଆଦେଶ ଦେଉଥିବା ଏକ ଭିଡିଓ ଭାଇରାଲ ହୋଇଥିଲା। ବିଧାୟକ ପରବର୍ତ୍ତୀ ମୁହୂର୍ତ୍ତରେ ଭୁଲ୍ ହୋଇଥିବା ନେଇ ଗଣମାଧ୍ୟମରେ ଦୁଃଖପ୍ରକାଶ କରିଥିଲେ। ଏହା ପରେ ମଧ୍ୟ ଅସନ୍ତୋଷ ଥମିବାର ନାଁ ନେଉ ନ ଥିବା ବେଳେ ଆଦିବାସୀ କଲ୍ୟାଣ ସଂଘ ତରଫରୁ ବିଧାୟକ ଗିରଫ ଦାବି ସହିତ ୫ଦଫା ଦାବି ନେଇ ଖପ୍ରାଖୋଲ ଥାନାରେ ଲିଖିତ ଅଭିଯୋଗ କରାଯାଇଛି। ଦାବିଗୁଡିକ ମଧ୍ୟରେ ଏସ.ଟି, ଏସସି



ଆଦିବାସୀ କଲ୍ୟାଣ ସଂଘ ପକ୍ଷରୁ ଥାନା ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

ନିର୍ଯାତନା ନିବାରଣ ଆଇନ ମୁତାବକ ବିଧାୟକ ମେହେରଙ୍କୁ ଗିରଫ କରାଯିବା, ନିର୍ଯାତିତ ସହକାରୀ ଯନ୍ତ୍ରୀ ଶବରଙ୍କ ପରିବାରକୁ ସୁରକ୍ଷା ପ୍ରଦାନ, ଘଟଣା ସମୟରେ ବିଧାୟକଙ୍କୁ ଉସକାଇଥିବା ବ୍ୟକ୍ତିମାନଙ୍କୁ ଚିହ୍ନଟ କରି ଆଟ୍ରୋସିଟି ଆଇନରେ ଗିରଫ କରିବା, ବିଧାୟକଙ୍କ ନିର୍ଦ୍ଦେଶରେ ଚାପୁଡା ମାରିଥିବା ନିର୍ବାହୀ ଯନ୍ତ୍ରୀ ଲୋକନାଥ ମିଶ୍ରଙ୍କୁ ଆଟ୍ରୋସିଟି ଆଇନରେ ଗିରଫ କରିବା। ଖପ୍ରାଖୋଲ ଶାଖା ସଂଘ ସଭାପତି ବିପ୍ର ବିଶିଙ୍କ ନେତୃତ୍ୱରେ ସମ୍ପାଦକ ନାରାୟଣ କିଶାନ, ଟିକେଶ୍ୱର ଧରୁଆ, ରଘୁନାଥ ସିଂ ବରିହା, ଗୁପ୍ତେଶ୍ୱର କୁଅଁର ପ୍ରମୁଖ ସଂଘ କର୍ମକର୍ତ୍ତା ଖପ୍ରାଖୋଲ ଥାନା ଅଧିକାରୀ ଜ୍ୟୋତିରଞ୍ଜନ ପତିଙ୍କୁ ଅଭିଯୋଗ ପତ୍ର ପ୍ରଦାନ କରିଥିଲେ । ସେହିପରି ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ଖପ୍ରାଖୋଲ ବିଡିଓ ତରଣୀ ସୁନାଙ୍କୁ ପ୍ରଦାନ କରିଥିଲେ।




ସାମାଜିକ ସମୀକ୍ଷା ସମ୍ପର୍କିତ ତାଲିମ ଶିବିରରେ ଉପସ୍ଥିତ କର୍ମକର୍ତ୍ତା।

## ସାମାଜିକ ସହାୟତା ଯୋଜନା ତାଲିମ ଶିବିର

**ଖପ୍ରାଖୋଲ, ୧୦।୬(ଡି.ଏନ.ଏ.)**

ଖପ୍ରାଖୋଲ ପଞ୍ଚାୟତ ସମିତି ତାଲିମ ଗୃହଠାରେ ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତିକରଣ ବିଭାଗ ଓ ଓସାଟ ଭୁବନେଶ୍ୱରର ମିଳିତ ଉଦ୍ୟମରେ ଭିଆରପିମାନଙ୍କ ପାଇଁ ସାମାଜିକ ସମୀକ୍ଷା ସମ୍ପର୍କିତ ଏକଦିବସୀୟ ତାଲିମ ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ବ୍ଲକ ସାମାଜିକ ସମୀକ୍ଷକ ଅଭୟ ତ୍ରିପାଠୀ ଅଧ୍ୟକ୍ଷତା କରିଥିଲେ। ବିଡିଓ ତରଣୀ ସୁନା ମୁଖ୍ୟ ଅତିଥିଭାବେ ଯୋଗଦେଇ ଶିବିରକୁ ଉଦଘାଟନ କରିଥିଲେ। ଏହି ଅବସରରେ ଜାତୀୟ ସାମାଜିକ ସହାୟତା କାର୍ଯ୍ୟକ୍ରମ ସମ୍ପର୍କରେ ଭିଆରପିମାନଙ୍କୁ ସୂଚନା ଦେବା ସହ ତାର ସାମାଜିକ ସମୀକ୍ଷା କିଭଳି କରିବେ ସେ ନେଇ ତାଲିମ ପ୍ରଦାନ କରାଯାଇଥିଲା । ତଥ୍ୟ ସଂଗ୍ରହ ଘରଘର ବୁଲି କରିବା ସହିତ ଗାଁ ଗାଁରେ ଗୋଷ୍ଠୀଗତ ଆଲୋଚନା, ସଂଗୃହୀତ ତଥ୍ୟର ସତ୍ୟତା ପରଖିବା, ଗ୍ରାମସଭା ଆୟୋଜନ ସହିତ ରିପୋର୍ଟ ଲିଖନ ଆଦି ଉପରେ ତାଲିମ ପ୍ରଦାନ କରାଯାଇଥିଲା। ଶିବିରରେ ଅନ୍ୟମାନଙ୍କ ମଧ୍ୟରେ ବ୍ଲକ ସାମାଜିକ ସୁରକ୍ଷା ଅଧିକାରୀ ଡା. ନନ୍ଦିକିଶୋର ତାଣ୍ଡି, ଜିପିଇଓ ସୁଶାନ୍ତ ପାଣି, ପିଏ କିଶୋର କୁମାର ଦାଶ, ବ୍ଲକ ସାମାଜିକ ସମୀକ୍ଷା କମିଟି ସଦସ୍ୟ ଗଙ୍ଗାଧର ପଧାନ ପ୍ରମୁଖ ତାଲିମ ପ୍ରଦାନ କରିଥିଲେ।

### ସମସିଆରେ ଦିବ୍ୟାଙ୍ଗ ପରିବାର

# ରିପୋର୍ଟ ତଲବ କଲା ମୁଖ୍ୟମନ୍ତ୍ରୀ ଅଫିସ

**ଲାଠୋର, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ତୁରେକେଲା ବ୍ଲକ ଅଧିନ ବାଞ୍ଜିପାଲି ଗାଁର ସୁରେନ୍ଦ୍ର ତାଣ୍ଡି। ଭିନ୍ନକ୍ଷମ ସୁରେନ୍ଦ୍ର ଝନେ ସ୍ନାତକ। ଘରେ ରୁଗୀଆ ମା' ସଂଗେ ଦୁଇ ବହେନ୍ ଆର ଗୁଟେ ଭାଇ ରହୁଛନ୍। ବାପା ବନେ ବଛରକେତେ ହେଲା ଆରପାରକେ ଚାଲିଯାଇଛନ୍। ଘରେ ଆର କେହି ରୁଜଗାରିଆ ଲୋକ୍ ନାଁଇଁନ। ପରିବାରକେ ମାସିକ ମିଳୁଛେ ଦିବ୍ୟାଙ୍ଗ ଭତା ବାବ୍‌ଦେ ୭ଶହ, ମା'ର ଭତା ୫ଶହ ଆର ୩୫ କେ.ଜି. ଚାଉଲ। ଏତ୍‌କିରେ ପରିବାରଟା ଚଲ୍‌ଲାବେଲେ ଭିଡ଼ ହେଇଯାଉଛେ। ଇଆଡ଼େ ସରକାରୀ ଚାକିରୀ ଖଁଡ଼େର ଲାଗି ସୁରେନ୍ଦ୍ର ଭିନେ ଭିନେ ଅଫିସ କିଁଦ୍‌ରି ନିରାଶ ହେଇଛନ୍। ବରଗଡ଼ ଜିଲା ବିଜେପୁର ବ୍ଲକ ଅଂଚଲର ଝନେ ସାମାଜିକ କରମୀ ସୁରେନ୍ଦ୍ରଙ୍କର ଅବସ୍ତା ଦେଖି ତାକର ଗୁଟେ ଭିଡିଓ ବନାବାର



ସଂଗେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଟ୍ୱିଟର ଜରିଆରେ ଜନେଇଥିଲେ। ପ୍ରଧାନମନ୍ତ୍ରୀଙ୍କର ଦପ୍‌ତରରୁ କିଛି ଉତର ନାଇଁ ମିଳିଥିଲାବେଲେ ମୁଖ୍ୟମନ୍ତ୍ରୀଙ୍କର ଦପ୍‌ତରରୁ ବଲାଙ୍ଗୀର ଜିଲାପାଳଙ୍କୁ ଘଟନାର ତଦଁତ୍ କରି ପଦକ୍ଷେପ ନେବାକେ ନିରଦେଶ ଆସିଛେ। ଇ ନିରଦେଶ ଅନ୍‌ସାରେ ଟିଟିଲାଗଡ଼ ଉପଜିଲାପାଳଙ୍କର କାର୍ଯ୍ୟାଳୟର ଚିଠି ନଂ.୧୯୩୧/ତା.୬।୬।୨୦୧୯ରେ ରିପୋର୍ଟ ଦେଇଥିଲେ। ରିପୋର୍ଟରେ ସୁରେନ୍ଦ୍ରଙ୍କୁ ଭିନେ ଭିନେ ସମିଆରେ ଦିଆଯାଇଥିବାର ସୁବିଧା ସୁଯୋଗ ବାବ୍‌ଦେ ଲେଖା ରହିଛେ। ସେ କେହେନ୍‌ସି ଗୁଟେ ସରକାରୀ ଚାକିରି ପାଏଲେ ତାକର ପରିବାର ଚଲେଇପାରତେ ବଲି ଆଶ୍ ରଖିଥିବାର ତଦଁତ୍ କରିଥିବାର କରମଚାରୀମାନେ ରିପୋର୍ଟରେ ଲେଖିଛନ୍। ଏହେଦେ ସୁରେନ୍ଦ୍ରଙ୍କର ଝନେ ବହେନ୍ ସନ୍ତୋଷିନୀ ପକ୍ଷାଘାତରେ ପୀଡ଼ିତ ହେଇ ଘରେ ପଡ଼ିରହିଛନ୍। ଏହେଦେ ବାକି ରହିଲା ସରକାର ସୁରେନ୍ଦ୍ରଙ୍କୁ କେଭେ ରୁଜଗାର ପଁଥା ଦେଉଛନ୍।

# ଶିଶୁ ଶ୍ରମିକଙ୍କ ସୁରକ୍ଷା, ଥଇଥାନ ଉପରେ ଗୁରୁତ୍ୱ

**ଖପ୍ରାଖୋଲ, ୧୦।୬(ଡି.ଏନ.ଏ.)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ସଭାଗୃହରେ ଦି କଲ୍ୟାଣ ଚାଇଲ୍ଡ ଲାଇନ ବଲାଙ୍ଗୀର, ମହିଳା ଏବଂ ଶିଶୁ ବିକାଶ ମନ୍ତ୍ରଣାଳୟ ତରଫରୁ ଶିଶୁ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ ସୋମବାର ଅନୁଷ୍ଠିତ ହୋଇଯାଇଛି। ଚାଇଲ୍ଡ ଲାଇନ ନିର୍ଦ୍ଦେଶିକା ମିନାକ୍ଷୀ ପୁରୋହିତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ବିଡିଓ ତାରିଣୀ ସୁନା, ସମାନିତ ଅତିଥି ସିଡିପିଓ ପ୍ରମିଳା ମହାନ୍ତି, ଜିଲା ଶିଶୁ ସୁରକ୍ଷା ୟୁନିଟ ସଦସ୍ୟ ଅରୁଣ କୁମାର ଖୁଆସ, ଗ୍ରାମୀଣ ଶ୍ରମ ନିରୀକ୍ଷକ ଏସ. ଭୂୟାଁ ଯୋଗଦେଇ ଶିଶୁ ଶ୍ରମିକଙ୍କ ସୁରକ୍ଷା ଉପରେ ଆଲୋକପାତ କରିଥିଲେ। ଶିଶୁମାନଙ୍କୁ ଶାରୀରିକ ମାନସିକ ନିର୍ଯାତନାରୁ ସୁରକ୍ଷା ଦେବା ସହ ତାଙ୍କୁ ଉଦ୍ଧାର ଏବଂ ଥଇଥାନ ପାଇଁ



ଶିଶୁ ଶ୍ରମିକ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି।

ଥିବା ବିଭିନ୍ନ ସରକାରୀ କାର୍ଯ୍ୟକ୍ରମ ଉପରେ ଆଲୋକପାତ କରିଥିଲେ। ଶିଶୁଙ୍କ ସୁରକ୍ଷା ପାଇଁ ସମସ୍ତେ ସଂଗଠିତ ହୋଇ କାମ କରିବାକୁ ଆହ୍ୱାନ ଦିଆଯାଇଥିଲା। ଏହି ଅବସରରେ ଅନ୍ୟମାନଙ୍କ ମଧ୍ୟରେ ଖପ୍ରାଖୋଲ ଥାନା ଏସଆଇ ଖଗେଶ୍ୱର ଖୋସଲା, ଆଇସିଡିଏସ ସୁପରଭାଇଜର ପଙ୍କଜିନି ମିଶ୍ର, ବିଦ୍ୟୁତ୍‌ପ୍ରଭା ନାଗ, ଅଞ୍ଜଳି ମିଶ୍ର, ସୁମିତ୍ରା ମାଝି, ଜିପିଇଓ ସୁଶାନ୍ତ ପାଣି, ଚାଇଲ୍ଡ ଲାଇନ କର୍ମକର୍ତ୍ତା ସୁଦିପ୍ତ ନାଗ, ହାଡୁ ବେହେରା, ଶେଷଦେବ ଭୋଇ, ନିରୂପମା ମହରା ପ୍ରମୁଖ ଉପସ୍ଥିତ ଥିଲେ। ଚାଇଲ୍ଡ ଲାଇନ ସଂଯୋଜିକା ମଧୁସ୍ମିତା ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।